## ସଂକ୍ଷେପରେ

### ରେଳ ଟିକେଟ କଳାବଜାରୀ କରି ପାନ ଦୋକାନୀ ଗିରଫ

**ବାହାନଗା, ୨୦।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଗୋପାଳପୁର ବଜାରରେ ଥିବା ଏକ ପାନ ଦୋକାନ ଉପରେ ରବିବାର ରେଳବାଇ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ କରିଥିଲେ। ପାନ ଦୋକାନୀ ହୃଷିକେଶ ସାହୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫ରୁ ଉର୍ଦ୍ଧ୍ୱ ରେଳ ଟିକେଟ୍ ଜବତ କରାଯାଇଛି। ଖନ୍ତାପଡ଼ା ଥାନା ଗୋପାଳପୁର ବଜାରରେ ହୃଷିକେଶ ପାନ ଦୋକାନ କରିଛନ୍ତି। ହେଲେ ଦୋକାନ ସହ ବେଆଇନ ଭାବେ ରେଳ ଟିକେଟ୍ ସେ ବିକ୍ରି କରୁଥିବା ରେଳ ବିଭାଗ ଖବର ପାଇଥିଲା। ଖବର ପାଇବା ପରେ କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ସୁରେଶ କୁମାରଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଦୋକାନ ଉପରେ ଚଢ଼ାଉ କରିଥିଲେ। ଜବତ ଟିକେଟ୍‌ର ଆନୁମାନିକ ମୂଲ୍ୟ ୩୫ହଜାର ଟଙ୍କା ବୋଲି ଜଣାପଡ଼ିଛି।

### ହାତୀ ଆକ୍ରମଣରେ ବୃଦ୍ଧ ଆହତ

**ସଜନାଗଡ଼, ୨୦।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି କୁଲଡିହା ସୀମାନ୍ତରେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖୁମକୁଟ ଗାଁର ରାମଦାସ ସୋରେନ (୬୫) ପାଖ ଜଙ୍ଗଲ ନିକଟ ଡ୍ୟାମକୁ ଶୌଚ ପାଇଁ ଯାଇଥିଲେ। ତେବେ ଏକ ଦନ୍ତା ହାତୀ ଧାନ ବିଲରେ ଉପଦ୍ରବ କରୁଥିବା ବେଳେ ତାଙ୍କର ସମ୍ମାସାମ୍ନି ହୋଇଯାଇଥିଲା। ଫଳରେ ହାତୀ ଶୁଣ୍ଢରେ ରାମଦାସଙ୍କୁ କଚାଡ଼ି ଦେଇଥିଲା। ସେ ଚିତ୍କାର କରିବାରୁ ଗ୍ରାମବାସୀ ହାତୀକୁ ଘଉଡ଼ାଇ ଦେଇଥିଲେ। ଆହତ ରାମଦାସଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ପ୍ରତିଭାକୁ ଲୋକଲୋଚନକୁ ଆଣେ ସୁରଭି

**ଭୋଗରାଇ, ୨୦।୧୦(ଡି.ଏନ.ଏ.):** ଭୋଗରାଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦ୍ୱାରା କ୍ଲଷ୍ଟରସ୍ତରୀୟ ସୁରଭି ଶୁକ୍ରବାର ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଝକଝକି କ୍ଲଷ୍ଟର ସମେତ ୮ଟି ସ୍ଥାନରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଝକଝକି କ୍ଲଷ୍ଟର ଅଧୀନ ଚୌକି ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୬ଟି ସ୍କୁଲରୁ ୧୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ଆଧେଙ୍କ ପୌରୋହିତ୍ୟରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସଭା କରାଯାଇଥିଲା। ଏହି କ୍ଲଷ୍ଟରର ସଂଯୋଜକ ତଥା ସିଆର୍‌ସିସି ଗୌତମ କୁମାର ଦତ୍ତ ସୁରଭିର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କଳେନ୍ଦୀ ସୋରେନ, ସହକାରୀ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ, ସିଆର୍‌ସିସି ଅଶୋକ କୁମାର ସାହୁ, ବେଣୁଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ।

# 'ରାଜନୀତି ମାନବଧର୍ମୀ ହେବା ଜରୁରୀ'

**ଭୋଗରାଇ, ୨୦।୧୦(ଡି.ଏନ.ଏ.)**

ଦିଶାହୀନ ରାଜନୀତି ଆମ ଦେଶକୁ କଳୁଷିତ କରୁଛି। ଅତ୍ୟାଧୁନିକ ଯୁଗରେ ଶାସନତନ୍ତ୍ର ବିଶ୍ୱସ୍ତ ଓ କ୍ରିୟାଶୀଳ ହେବାରେ ସକ୍ଷମ ହେଉନାହିଁ। ଯାହାକି ଆମ ସଂସ୍କୃତି ଉପରେ କୁଠାରଘାତ ସଦୃଶ। ରାଜନୀତି ବିକାଶ ଦିଗରେ କ୍ରିୟାଶୀଳ ସହ ମାନବଧର୍ମୀ ହେବା ଆବଶ୍ୟକ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ଥାନାଛକ ହେଲିପ୍ୟାଡ୍ ପଡ଼ିଆରେ ରବିବାର ସନ୍ଧ୍ୟାରେ ଭାରତ ଜାଗୃତି ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଯୋଗଦେଇ ଶଙ୍କରାଚାର୍ଯ୍ୟ ଏହି ସନ୍ଦେଶ ଦେଇଛନ୍ତି।

ପୂର୍ବାହ୍ନରେ ଶଙ୍କରାଚାର୍ଯ୍ୟ ନନ୍ଦନକାନନ ଏକ୍ସପ୍ରେସ୍‌ରେ ଜଳେଶ୍ୱର ଷ୍ଟେଶନରେ ଓହ୍ଲାଇବା ପରେ ବହୁ ଶ୍ରଦ୍ଧାଳୁ ପାରମ୍ପରିକ ଭାବେ ଶଙ୍ଖ, ହୁଳହୁଳି ପକାଇ ସ୍ୱାଗତ କରିଥିଲେ। ଅପରାହ୍ନରେ ଉଦ୍‌ପଦା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ସେ ଦର୍ଶନ ଓ ପୂଜା ପାଠ ପରେ ଯଜ୍ଞକୁଣ୍ଡରେ ବେଦମନ୍ତ୍ର ସହ ପୂର୍ଣ୍ଣାହୁତି ଦେଇଥିଲେ। ପରେ ଆଧ୍ୟାତ୍ମିକ ସମାବେଶରେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯଜ୍ଞର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ଦେବଭାଷା ପରିଷଦର ସଭାପତି ଡ. ସତୀଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଆଦିତ୍ୟ ବାହିନୀ ପକ୍ଷରୁ ସତ୍ୟରଞ୍ଜନ ଦାସ, ମଧୁସୂଦନ ଗଡ଼ନାୟକ, ରଘୁନାଥ ମହନ୍ତ, ମହେଶ କୁମାର ସାହୁ, ସୌରୀରଞ୍ଜନ ପଣ୍ଡା, କୁମାର ସତ୍ୟଜିତ୍ ବେଜ ପ୍ରମୁଖ ପରିଚାଳନା କରିଥିଲେ। ୩ ଦିନ ବ୍ୟାପୀ ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବହୁ ପଣ୍ଡିତ, ସାଧୁ, ସନ୍ଥ ଓ ଅସଂଖ୍ୟ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

**ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**



ଆଧ୍ୟାତ୍ମିକ ସମାବେଶରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

## ଜଳେଶ୍ୱରରେ ଶଙ୍କରାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା

**ଜଳେଶ୍ୱର, ୨୦।୧୦(ସ୍ୱ.ପ୍ର.)**

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କୁ ରବିବାର ଜଳେଶ୍ୱରରେ ସମ୍ବର୍ଦ୍ଧନା ଦିଆଯାଇଛି। ଭୋଗରାଇ ବ୍ଲକ ଥାନାଛକ ହେଲିପ୍ୟାଡ଼ ପଡ଼ିଆଠାରେ ଭାରତ ଜାଗୃତି ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ସେ ଯୋଗଦେବା ପାଇଁ ଆସିଛନ୍ତି। ସେ ନନ୍ଦନକାନନ ଏକ୍ସପ୍ରେସ ଯୋଗେ ଆଲ୍ଲାହାବାଦରୁ ଆସି ରବିବାର ସକାଳେ ୮ଟା ବେଳେ ଜଳେଶ୍ୱର ରେଳଷ୍ଟେଶନରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ଭାରତ ଜାଗୃତି ମହାଯଜ୍ଞ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଜଳେଶ୍ୱର ସଚେତନ ନାଗରିକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବେଦପାଠ, ନାମ ସଂକୀର୍ତ୍ତନ, ଶଙ୍ଖନାଦ ଓ ଶହଶହ ଭକ୍ତମାନଙ୍କର ହୁଳହୁଳି ମାଧ୍ୟମରେ ସ୍ୱାମିଜୀଙ୍କୁ ବନ୍ଦାପନା କରାଯାଇଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସରକାରଙ୍କ ତରଫରୁ ଜେଡ୍ ପ୍ଲସ ସୁରକ୍ଷା ଦିଆଯାଇଥିବାରୁ ଜିଆର୍‌ପି ଓ ଓଡ଼ିଶା ପୋଲିସ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଜଳେଶ୍ୱରରୁ ଭୋଗରାଇକୁ ଯିବା ରାସ୍ତାରେ ବିଭିନ୍ନ ଛକ ସ୍ଥାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।




'ସୁରଭି' କାର୍ଯ୍ୟକ୍ରମରେ ଜଣେ ଛାତ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

## ସରିଲା 'ସୁରଭି'

**ରୂପସା, ୨୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୧୯ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଞ୍ଚୁପାଣ୍ଡବ ଧଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ବସ୍ତା ବ୍ଲକ ଏବିଇଓ ଧନଞ୍ଜୟ ବେହେରା ଓ ମୁଖ୍ୟବକ୍ତା ଏବିଇଓ ରବିନାରାୟଣ ପଣ୍ଡା ଯୋଗଦେଇ ଏହି ମହୋତ୍ସବକୁ କୁନିପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏବିଇଓ ବିଜୟ କୁମାର ଜେନା, ସରପଞ୍ଚ କାଳିଚରଣ ଯେନା ଓ ମାୟାଧର ମଣି, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅନିଲ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିର୍ମାଣ ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରଧାନଶିକ୍ଷକ ଭବାନୀଶଙ୍କର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ସିଆର୍‌ସିସି ଅଞ୍ଜନା ପାଢ଼ୀଙ୍କ ମଞ୍ଚ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ସାଧନ କେନ୍ଦ୍ର ଅନ୍ତର୍ଗତ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ସୃଜନଶୀଳ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୯ଜଣ ଶ୍ରେଷ୍ଠ ପ୍ରତିଯୋଗୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାରୀଶୁଆ ପାହାଡ଼ରେ ଖଣି ଖନନ ଉପରେ ରହିତାଦେଶ

**ଖଇରା,୨୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ ପାଦଦେଶରେ ରହୁଥିବା ବାସିନ୍ଦାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶୁକ୍ରବାର କଲିକତା ଗ୍ରୀନ ଟ୍ରିବ୍ୟୁନାଲର ଏକ ଚିଠି ଖଇରା ତହସିଲରେ ପହଞ୍ଚିବା ପରେ ଖଣି ମାଲିକମାନଙ୍କ ଚିନ୍ତା ବଢ଼ିଯାଇଛି। ପାହାଡତଳି ଅଞ୍ଚଳରେ ରହୁଥିବା ହଜାର ହଜାର ଆଦିବାସୀ ସମ୍ପ୍ରଦାୟଙ୍କୁ ବଞ୍ଚିବାର ରାହା ଯୋଗାଇଛି। ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ମୁତାବକ ଖଇରା ତହସିଲ ଅଧୀନରେ ଥିବା ସମସ୍ତ ଖଣିକୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରିଛନ୍ତି।

କେନ୍ଦୁଝରର ରୁରାଲ ଅର୍ଗାନାଇଜେଶନ ଫର୍ ସୋସିଆଲ ଏମ୍ପାଓ୍ୱରମେଣ୍ଟ (ରୋଜ) ଏବଂ ଯାଜପୁରର ଆସୋସିଏଟେଡ ସୋସିଆଲ ସର୍ଭିସ ଏଜେନ୍ସି (ଆଶା) ତରଫରୁ ପାହାଡ଼ ପରିବେଶ ନଷ୍ଟ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଆବେଦନ କରାଯାଇଥିଲା। ଟ୍ରିବ୍ୟୁନାଲ ୧୬ତାରିଖରେ ଦେଇଥିବା ରାୟରେ ଡିସେମ୍ବର ୪ତାରିଖରେ ପ୍ରକାଶିତ ହେବାକୁ ଥିବା ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଖଣି ବ୍ୟବହାର ଉପରେ ରହିତାଦେଶ ଜାରି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିଲୁ ମହାପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ ଟ୍ରିବ୍ୟୁନାଲରୁ ଏହି ନିର୍ଦ୍ଦେଶ ଆସିବା କଥା ଶୁଣିଛନ୍ତି। ବିଧିବଦ୍ଧ ଭାବେ ଚିଠି ପହଞ୍ଚିବା ପରେ ଅନ୍ୟାନ୍ୟ ବିଷୟ ଜଣାପଡିବ ବୋଲି କହିଛନ୍ତି। ପ୍ରକାଶ ଥାଉ କି, ଶାରୀଶୁଆ ପାହାଡରେ ବେଆଇନ ଭାବେ ଖଣି ବ୍ୟବହାର ସାଙ୍ଗକୁ ବ୍ଲାଷ୍ଟିଂ ଯୋଗୁ ସାଧାରଣ ଜୀବନଯାପନ ପ୍ରଭାବିତ ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିଲା। ନିକଟରେ ୨୧ଟି ଖଣିରେ ୧୪୪ଧାରା ଜାରି ସତ୍ତ୍ୱେ ଖଣି ମାଫିଆମାନେ ଏହାକୁ ଖାତିର ନ କରି କେତେକ ରାଜସ୍ୱ ଅଧିକାରୀଙ୍କୁ ଢାଲ କରି ସେହି ଖଣିଗୁଡିକରୁ ପଥର ଉତ୍ତୋଳନ କରୁଥିଲେ।



ସଭାରେ ଯୋଗଦେଇଥିବା ଅବସରପ୍ରାପ୍ତ ପେନ୍‌ସନ୍‌ଭୋଗୀ।

# ଇପିଏଫ୍ ପେନ୍‌ସନ୍ ବୃଦ୍ଧି ଦାବି

**ବାଲେଶ୍ୱର ଅଫିସ,୨୦।୧୦**

ବାଲେଶ୍ୱର ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ରବିବାର ଅଲ୍ ଓଡ଼ିଶା ପେନ୍‌ସନର୍ସ ଆସୋସିଏଶନ୍ ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଇଂ. ଅନାଦି ବେହେରା ଅଧ୍ୟକ୍ଷତା କରି ୪ଦଫା ସମ୍ବଳିତ ଦାବିପତ୍ର ମାସିକ ସର୍ବନିମ୍ନ ପେନସନ ୭୫୦୦ ଟଙ୍କାକୁ ବୃଦ୍ଧି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ହାରରେ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ, ସରକାରୀ ହାରରେ ମହଙ୍ଗା ଭତ୍ତା ପ୍ରଦାନ ଓ ଆୟୁଷ୍ମାନ୍ ଭାରତ ଯୋଜନାରେ ସମଗ୍ର ଦେଶରେ ଭବିଷ୍ୟନିଧି ପାଣ୍ଠିରୁ ପେନ୍‌ସନ୍ (ଇପିଏଫ୍) ପାଉଥିବା ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଯୋଗାଇଦେବାକୁ ସାଧାରଣ ସଭାରେ ଆଲୋଚନା କରାଯାଇ ଗୃହୀତ କରାଯାଇଛି।

ଜିଲାର ସମସ୍ତ ଶିଳ୍ପସଂସ୍ଥା ଓ ବେସରକାରୀ ଅର୍ଦ୍ଧସରକାରୀ ସଂସ୍ଥାର ପେନ୍‌ସନ୍‌ଭୋଗୀ କର୍ମଚାରୀ ଏବଂ ଅଧିକାରୀମାନେ ବୈଠକରେ ଯୋଗଦେଇ ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ। ରାଜ୍ୟ ସଙ୍ଗଠନର ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ସ୍ୱଳ୍ପବେତନ ଭୋଗୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ରାଜ୍ୟ ଓ କେନ୍ଦ୍ରସ୍ତରରେ ପେନସନର୍ସ ସଙ୍ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ସଂସ୍ଥା ତରଫରୁ କୃଷ୍ଣଚନ୍ଦ୍ର ମହାନ୍ତି, ବିକ୍ରମ ଛୋଟରାୟ, ମାନଗୋବିନ୍ଦ ମହାନ୍ତି, ସଚ୍ଚିଦାନନ୍ଦ ସାମନ୍ତରାୟ, ଶରତ ପାଣି, ବିଷ୍ଣୁ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, କୁଞ୍ଜବିହାରୀ ନାୟକ, ସିଦ୍ଧେଶ୍ୱର ନାୟକ, ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ଇଂ. ସୁଶୀଲ ବାରିକ, ଇଂ. ବିଜୟ କୁମାର ନାୟକ, ଆବାହକ ନିରଞ୍ଜନ ସାହୁ, ଗୋଲକ ବେହେରା ଏବଂ ରାଜ୍ୟ ସଙ୍ଗଠନର ଉପଦେଷ୍ଟା ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ବକ୍ତବ୍ୟରେ ଏହି ଦାବିଗୁଡ଼ିକୁ କେନ୍ଦ୍ର ସରକାର ବିଚାରକୁ ନେବା ପାଇଁ ଯୁକ୍ତିସଙ୍ଗତ ବୋଲି ମତ ପ୍ରକାଶ କରିଥିଲେ। ଉଠାଜଳସେଚନ ନିଗମ, ଆଗ୍ରୋ ଇଣ୍ଡଷ୍ଟ୍ରି, କେନ୍ଦ୍ର ସମବାୟ ବ୍ୟାଙ୍କ୍, ଭୂ ଉନ୍ନୟନ ବ୍ୟାଙ୍କ, ରାଜ୍ୟ ସଡ଼କ ପରିବହନ, ଆଇ.ଡି.ସି., ଓମ୍‌ଫେଡ୍, ବିରଳା ଟାୟାର୍ସ, ଇମାମୀ ପେପର ମିଲ୍, ବାଲେଶ୍ୱର ଆଲୟେଜ୍, ବାଲିଆପାଳ ସ୍ପିନିଂ ମିଲ୍, ରୁପ୍‌ସା ଝୋଟକଳ ଓ ହସ୍ତତନ୍ତ ନିଗମର ଅବସର ନେଇଥିବା ବହୁ ପେନ୍‌ସନ୍‌ଭୋଗୀ ଯୋଗଦେଇଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବାଲେଶ୍ୱର ଅଫିସ,୨୦।୧୦**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଦ୍ୱାରା ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭାଗୀୟ ମୁଖ୍ୟ ଅଭିଜିତ୍ ଦାସ ସଭାପତିତ୍ୱ କରିଥିଲେ। ବିଭାଗର ଅଧ୍ୟାପିକା ଏନ୍. ସୁନୀତା ଓ ଅଧ୍ୟାପକ ଦୁର୍ଗାମାଧବ ମହାପାତ୍ର ସଭାରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ସମ୍ପର୍କରେ ଅବଗତ କରାଇବା ସହ ସ୍ୱାଗତ କରିଥିଲେ। ଅନେକ ଛାତ୍ରୀଛାତ୍ର ଯୋଗଦେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୌରଭ ଦାଶ, ଶୁଭଙ୍କର ଦାଶ, ଦୀପ୍ତିରଞ୍ଜନ ଜେନା, ଶାଶ୍ୱତ ସାହୁ, ସନ୍ଦୀପ ଅଗ୍ରୱାଲ, ସୁଶୀଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଯୁବ ସ୍ୱାଭିମାନ ମଞ୍ଚର ବାର୍ଷିକୋତ୍ସବ

**ଖଇରା,୨୦।୧୦(ଡି.ଏନ.ଏ.)**

ଖଇରା ବ୍ଲକ ଗଣ୍ଡବେଡର ପୂଜ୍ୟପୂଜା ଅନୁଷ୍ଠାନ ଯୁବ ସ୍ୱାଭିମାନ ମଞ୍ଚର ୩ୟ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ଅଭିମନ୍ୟୁ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଭାଷା ସାହିତ୍ୟ ଗବେଷକ ଅନିରୁଦ୍ଧ ରାଉତ, ସମ୍ମାନନୀୟ ଅତିଥି ଭାବେ ଗରସଙ୍ଗ କଲେଜ ଅଧ୍ୟକ୍ଷ ମନୀନ୍ଦ୍ର ଦିକ୍ଷିତ ଯୋଗଦେଇ ଯୁବଶକ୍ତି ଦ୍ୱାରା ଦେଶ ଗଠନ ହୋଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମର ଆବାହକ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟାଙ୍ଗନା ପ୍ରିୟଦର୍ଶିନୀ ପୁହାଣ, ଜ୍ୟୋତିର୍ମୟ ପରିଡାଙ୍କ ନୃତ୍ୟର ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା।

# ଅଯୋଧ୍ୟାରେ ରାବଣ ପୋଡ଼ି

**ସଜନାଗଡ଼, ୨୦।୧୦(ଡି.ଏନ.ଏ.)**

ନୀଳଗିରି ଉପଖଣ୍ଡ ଅଯୋଧ୍ୟା ଗ୍ରାମରେ ଅଧିଷ୍ଠିତ ଦେବୀ ମା'ମାରୀଚିଙ୍କ ନିକଟରେ ଶନିବାର ସନ୍ଧ୍ୟାରେ ୩୨ତମ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ମୁଖ୍ୟବକ୍ତା ଭାବେ ଅନଙ୍ଗ କୁମାର ମହାପାତ୍ର ମଞ୍ଚାସୀନ ରହି ଅନୁରୂପ ଭାବେ ବକ୍ତବ୍ୟ ଦେଇଥିଲେ।

ବାମନ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ରବି ନାରାୟଣ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ହେମନ୍ତ ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ତାରିଣୀ ସିଂ, ହରପ୍ରିୟା ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାବଣପୋଡ଼ି ଉତ୍ସବରେ ରଙ୍ଗବେରଙ୍ଗର ବାଣକୁ ଦର୍ଶକ ଉପଭୋଗ କରିଥିଲେ। ଜୟନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସଦସ୍ୟ ପ୍ରତୀକ୍ଷା ସିଂ, ରତ୍ନାକର ରାଜ, ଅନ୍ତର୍ଯ୍ୟାମୀ ମହାପାତ୍ର, କମଳାକାନ୍ତ ମହାନ୍ତି, ରଘୁନାଥ ବାଗୁଡ଼ାଇ, ଶୁଭେନ୍ଦୁ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।



ରାବଣପୋଡ଼ି ଉତ୍ସବରେ ଉପସ୍ଥିତ ଅତିଥି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସଂସ୍କୃତ ଭାଷା ଭାରତର ଆତ୍ମା

**ବାଲେଶ୍ୱର ଅଫିସ,୨୦।୧୦**

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ ରବିବାର ରାଜ୍ୟସ୍ତରୀୟ ସଂସ୍କୃତ ସମ୍ମିଳନୀ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଓ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ର ସରକାରଙ୍କ ସଂସ୍କୃତ ସଂସ୍ଥାନର ମୁଖ୍ୟ ମାର୍ଗଦର୍ଶକ ବାଚସ୍ପତି ଉପାଧିପ୍ରାପ୍ତ ପଣ୍ଡିତ ଗୁଲାମ ଦସ୍ତଗିର ବିରାଜଦାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଂସ୍କୃତ ଭାରତର ଆତ୍ମା, ଏହା ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ସମସ୍ତଙ୍କର ଭାଷା ବୋଲି ମତବ୍ୟକ୍ତ କରିଥିଲେ।

ମହାସଂଘ ସଭାପତି ପ୍ରଫୁଲ୍ଲ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ କେନ୍ଦ୍ରମନ୍ତ୍ରୀ ତଥା ଅମୃତବାଣୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଆଉ ବେଦଭାଷା କିମ୍ବା ଅଧ୍ୟାତ୍ମଭାଷା ହୋଇ ରହିନାହିଁ। ଏହା ବିଜ୍ଞାନଯୁଗର ପ୍ରଗତିର ଭାଷା। ଜାତିବର୍ଣ୍ଣ ନିର୍ବିଶେଷରେ ପ୍ରିୟ କଥିତ ଭାଷା। ଭାରତର ଜନସାଧାରଣଙ୍କ ମାଧ୍ୟମ ଭାଷା ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ସାରସ୍ୱତ ବକ୍ତା ଭାବରେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ସମ୍ମାନିତ ବକ୍ତା ଭାବରେ ପୁରୀର ସହ ଜିଲାପାଳ ଜ୍ୟୋତ୍ସ୍ନାରାଣୀ ପାତ୍ର, ଡ. ଗୌତମ ମହାରଣା ଓ ପଣ୍ଡିତ ନୃସିଂହଚରଣ ପଣ୍ଡା ମଞ୍ଚାସୀନ ଅତିଥିମାନେ ସମସ୍ତ ଭାରତୀୟ ସଂସ୍କୃତଭାଷୀ ଓ ସଂସ୍କୃତମନସ୍କ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ରତିକାନ୍ତ ବେହେରାଙ୍କ ଦ୍ୱାରା ସଂଚାଳିତ ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଦପାଠ ଓ ସ୍ୱାଗତସଙ୍ଗୀତ ପରିବେଷଣ କରାଯାଇଥିଲା। ଅମୃତବାଣୀର ରାଷ୍ଟ୍ରୀୟ ମହାସଚିବ ଡ. କୁମାର ଚନ୍ଦ୍ର ମିଶ୍ର ଓ ଅମୃତବାଣୀର ରାଜ୍ୟସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ସ୍ୱାଗତଭାଷଣ ଓ ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ ମତ ରଖିଥିଲେ। ମହାସଂଘ ପକ୍ଷରୁ ପଣ୍ଡିତ ବିଶେଶ୍ୱର ଦ୍ୱିବେଦୀ ଏବଂ ଅମୃତବାଣୀ ପକ୍ଷରୁ ଜୟପ୍ରକାଶ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସଂସ୍କୃତରେ ପ୍ରବନ୍ଧ ପାଠ ହୋଇଥିବାବେଳେ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସଂସ୍କୃତରେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଗୋପବନ୍ଧୁ ଦାସ, ରମା ପଣ୍ଡା, ତିଲୋତ୍ତମା ଷଡ଼ଙ୍ଗୀ, ଦେବାଶିଷ କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ରାଜ୍ୟସ୍ତରୀୟ ସଂସ୍କୃତ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ■ ରାଜ୍ୟସ୍ତରୀୟ ଟେନିସ୍ ଭଲିବଲ ଚାମ୍ପିୟନଶିପ୍

# ବାଳିକା ବିଭାଗରେ ପୁରୀ, ବାଳକ ବିଭାଗରେ ନୟାଗଡ଼ ଚାମ୍ପିୟନ

**ସିମୁଳିଆ, ୨୦।୧୦(ଡି.ଏନ.ଏ.)**

ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ହାଇସ୍କୁଲ ପରିସର ବିଜୁପଟ୍ଟନାୟକ ମିନିଷ୍ଟାଡ଼ିୟମ୍‌ରେ ଶନିବାର ଆରମ୍ଭ ହୋଇଥିବା ଚତୁର୍ଥ ରାଜ୍ୟସ୍ତରୀୟ ସବ୍‌ଜୁନିୟର ଓ ଜୁନିୟର ଟେନିସ୍ ଭଲିବଲ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଏଥିରେ ଜୁନିୟର ବାଳିକା ବିଭାଗରେ ପୁରୀ ଜିଲା ଚାମ୍ପିୟନ ହୋଇଥିବାବେଳେ ଢେଙ୍କାନାଳ ଜିଲା ରନର୍ସଅପ ଓ କେନ୍ଦୁଝରର ଜିଲା ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ସେହିପରି ଜୁନିୟର ବାଳକ ବିଭାଗରେ ନୟାଗଡ଼ ଜିଲା ଚାମ୍ପିୟନ, କେନ୍ଦୁଝର ଜିଲା ରନର୍ସଅପ୍ ଓ ଯାଜପୁର ଜିଲା ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ସବ୍‌ଜୁନିୟର ବାଳକ ବିଭାଗରେ ନୟାଗଡ଼ ଜିଲା ଚାମ୍ପିୟନ, ପୁରୀ ଜିଲା ରନର୍ସଅପ୍ ଓ ଭୁବନେଶ୍ୱର ଦ୍ୱିତୀୟ ରନର୍ସଅପ୍ ହୋଇ ପୁରସ୍କୃତ ହୋଇଛନ୍ତି। ମୁଖ୍ୟଅତିଥି ରୂପେ ରଘୁନାରାୟଣ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ରାଜ୍ୟ ଟେନିସ୍ ଭଲିବଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ମହାପାତ୍ର, ସମ୍ପାଦକ ଶଶିକାନ୍ତ ନାୟକ, ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ପୁନେରେ ଅନୁଷ୍ଠିତ ଟେନିସ୍ ଭଲିବଲ ଏସିଆନ୍ ଗେମ୍‌ରେ ଚାମ୍ପିୟନ ପୁରୀ ଓ ଜଗତସିଂହପୁର ଜିଲାର ଖେଳାଳି ଶାନ୍ତନୁ କୁମାର ପରିଡା ଓ ରଶ୍ମିରଞ୍ଜନ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା।




ଅତିଥିମାନଙ୍କ ଗହଣରେ କୃତୀ ଖେଳାଳି।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୨୧ ଅକ୍ଟୋବର, ୨୦୧୯



# ଟଙ୍କା ଜମାଦେଇ ଚାହିଁ ବସିଛନ୍ତି ଦୋକାନୀ

**ଭଦ୍ରକ ଅଫିସ, ୨୦।୧୦**

ଭଦ୍ରକ ପୌରପାଳିକା ପକ୍ଷରୁ ବ୍ୟବସାୟୀଙ୍କୁ ଭଡ଼ା ଦେବା ଉଦ୍ଦେଶ୍ୟରେ ବର୍ଷକ ପୂର୍ବେ ବନ୍ତ ଛକ ନିକଟରେ ୩୫ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ଉକ୍ତ ଗୃହକୁ ଭଡ଼ାରେ ନେବା ପାଇଁ ବ୍ୟବସାୟୀମାନେ ଚାହିଁ ବସିଥିଲେ। ହେଲେ ଏବେ ଦୋକାନୀମାନେ ଭଡ଼ା ନେବା ଲାଗି ୨

- ପୌରପାଳିକା ପକ୍ଷରୁ ଦୋକାନ ଗୃହ ଆବଣ୍ଟନ ମାମଲା
- ଅର୍ଦ୍ଧନିର୍ମିତ ଗୃହରେ ଲଟା ମାଡ଼ିଲାଣି

ଲକ୍ଷ ଟଙ୍କା ଲେଖାଏ ପୌରପାଳିକାରେ ଅଗ୍ରୀମ ଦେଇ ୯ ମାସ ଧରି ଚାହିଁ ରହିଛନ୍ତି।

ପ୍ରକାଶ ଯେ, ପୌରପାଳିକା ପକ୍ଷରୁ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଦୋକାନ ଘର ଆବଣ୍ଟନ ଲାଗି ଗତ ଜାନୁୟାରୀ ୧୮ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଆବେଦନକାରୀଙ୍କୁ ଫର୍ମ ପିଛା ୧ ହଜାର(ଫେରସ୍ତ ବିହୀନ) ଏବଂ ଅଗ୍ରୀମ ଦରଖାସ୍ତ ପିଛା ୨ ଲକ୍ଷ ଟଙ୍କା(ଫେରସ୍ତ ଯୋଗ୍ୟ) ଦେଇ ଦରଖାସ୍ତ କରିବାକୁ କୁହାଯାଇଥିଲା। ମୋଟ ୧୦୧ ଦୋକାନୀ ପୌରପାଳିକାରେ ଟଙ୍କା ଜମା ଦେଇଛନ୍ତି। ୧୫ ଦିନ ଭିତରେ ଲଟେରି କରାଯାଇ ଉକ୍ତ ଦୋକାନ ଘର ବଣ୍ଟାଯିବ ବୋଲି କୁହାଯାଇଥିଲା। ଏହାମଧ୍ୟରେ ୯ ମାସ ବିତିଗଲାଣି ହେଲେ ଦୋକାନ ଘର ଆବଣ୍ଟନ ହୋଇପାରୁ ନାହିଁ। ଅପରପକ୍ଷରେ ଦୋକାନ ଗୃହଗୁଡ଼ିକ ସମ୍ପୂର୍ଣ୍ଣ କରା ନ ଯାଇ ପୌରପାଳିକା ପକ୍ଷରୁ ପ୍ରତି ଦୋକାନ ପିଛା ୨ ଲକ୍ଷ ଅଗ୍ରୀମ ନେଇ ଚୁପ୍ ବସିବାକୁ ନେଇ ଦୋକାନୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋକାନ ଆବଣ୍ଟନରେ ଅନେକ ଦୁର୍ନୀତି କରାଯିବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଥିଲା। ଆଶାୟୀ ଦୋକାନୀମାନେ ଉକ୍ତ ଆବଣ୍ଟନରେ ଅନିୟମିତତା କରାଇ ନ ଦେବାକୁ ଯାଇ କୋର୍ଟ ଆଶ୍ରୟ ନେଇଥିଲେ। ଫଳରେ ପୌରପାଳିକା ପୂର୍ବତନ ପାରିଷଦ ଏହି ଆବଣ୍ଟନ ପାଇଁ ଆନ୍ତରିକତା ପ୍ରଦର୍ଶନ କଲା ନାହିଁ। ଏଥିପାଇଁ ୯ ମାସ ଧରି ବଣ୍ଟନ ପ୍ରକ୍ରିୟା ହୋଇପାରୁ ନାହିଁ। ଯେଉଁ ଦୋକାନୀମାନେ ପୌରପାଳିକା ଆକାଉଣ୍ଟରେ ୨ ଲକ୍ଷ ଟଙ୍କା ଲେଖାଏ ଅଗ୍ରୀମ ଜମା ଦେଇଛନ୍ତି ସେମାନେ ଏବେ ଦୋକାନ ଗୃହ ପାଇବା ଆଶାରେ ଚାତକ ଭଳି ଚାହିଁ ବସିଛନ୍ତି। ଦୋକାନ ଅଧୁରା କାର୍ଯ୍ୟ ଏବେ ହୋଇ ନ ପାରି ଲଟାବୁଦାରେ ଲୁଚିଲାଣି। ଏହି ଘଟଣାରେ ତୁରନ୍ତ ଜିଲାପାଳ ହସ୍ତକ୍ଷେପ କରି ଆଶାୟୀ ଦୋକାନୀମାନଙ୍କୁ ଲଟେରି ମାଧ୍ୟମରେ ଗୃହ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁଙ୍କୁ ପଚାରିବାରୁ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଥିବାରୁ ଆବଣ୍ଟନ ହୋଇପାରୁ ନ ଥିବା କହିଛନ୍ତି।


ବନ୍ତ ଛକରେ ଥିବା ଦୋକାନ ଗୃହରେ ଲଟା ମାଡ଼ିଛି।

## ସଂକ୍ଷେପରେ

### ଆଖି ବୁଜିଲେ ବାପ ପୁଅ

**ଧାମନଗର, ୨୦।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ କଟସାହି ପଞ୍ଚାୟତ ଶ୍ୟାମଚାନ୍ଦ ପାଟଣା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ ଏବଂ ତାଙ୍କ ପୁଅ ଜିତେନ୍ଦ୍ର ଶନିବାର ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିଲେ। କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉଲ୍ଲେଖନୀୟ ଯେ, ଶନିବାର ପୂର୍ବାହ୍ନରେ ଓଉଗଛ ଛକରେ ଥିବା ଦୋକାନକୁ ପୂର୍ଣ୍ଣଚନ୍ଦ୍ର ଖୋଲିବା ବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ବାପ ପୁଅଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଦ୍ରକ ମେଡିକାଲକୁ ପଠାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସନ୍ଧ୍ୟାରେ ପୁଅ ଜିତେନ୍ଦ୍ର ଓ ବିଳମ୍ବିତ ରାତିରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### କୃଷକ ସଭା, ଶୋଭାଯାତ୍ରା

**ବନ୍ତ, ୨୦।୧୦ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ବଜାର ମୁଖ୍ୟ ଛକଠାରେ ସିପିଏମ୍ ପକ୍ଷରୁ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହତାବ ମେମୋରିଆଲ ହଲ୍‌ରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ପରେ ପ୍ରଭାସ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୃଷକ ସଭାର ସାଥୀ ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଶ୍ରମିକନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ନିର୍ମଳା ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ରବୀନ୍ଦ୍ର ନାୟକ, ପ୍ରତାପ ସେଠୀ, ଛାତ୍ରନେତା ଶ୍ରୀରାମ ସ୍ୱରୂପ ମହାପାତ୍ର, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଙ୍ଗଠନର ବ୍ଲକ ସମ୍ପାଦିକା ରୋଜାଲିନ ସାମ୍ୟବାଦୀ ଯୋଗ ଦେଇଥିଲେ। କୃଷକମାନଙ୍କୁ ପେନ୍‌ସନ, ଫସଲର କ୍ଷତିପୂରଣ ପ୍ରଦାନ ଆଦି ୧୬ଟି ଦାବି ସରକାର ପୂରଣ କରନ୍ତୁ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ଅନିରୁଦ୍ଧ ଯେନା, ଭାସ୍କର ଯେନା, ମହେଶ୍ୱର ନାୟକ, ବଳରାମ ଦାସ, ବସନ୍ତ ପାଣିଗ୍ରାହୀ, ଗୌରହରି ମଲ୍ଲିକ, ଗୁଡୁ ସିଂହ, ଭଗବାନ ପଲେଇ, ସୁକାନ୍ତି ପ୍ରଧାନ ଓ ଭଗବାନ ପଲେଇ ପ୍ରମୁଖ ସାମିଲ ଥିଲେ।

# ସ୍ୱଚ୍ଛ ଭାରତ, ନିଶା ନିବାରଣ କାର୍ଯ୍ୟକ୍ରମ


କେନ୍ଦୁଆପଦା ରେଳଷ୍ଟେଶନ ପରିସରରେ ସଫା କରାଯାଉଛି।

**ବନ୍ତ, ୨୦।୧୦ (ଡି.ଏନ.ଏ.)**

ବନ୍ତ ବ୍ଲକ କେନ୍ଦୁଆପଦାଠାରେ ରବିବାର ଶ୍ରୀ ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଓ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରୁ ଏହି କାର୍ଯ୍ୟକ୍ରମ ରେଳଷ୍ଟେଶନଠାରୁ ଆରମ୍ଭ ହୋଇଥିଲା। ପରିଷଦର ଶତାଧିକ ସଭ୍ୟାସଭ୍ୟ ଏଥିରେ ସାମିଲ ହୋଇ କେନ୍ଦୁଆପଦା ବଜାର, ଡାକ୍ତରଖାନା, ଫାଣ୍ଡି, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଆମ୍ଭୋର ଆଦି ଗ୍ରାମ ସଫେଇ କରିଥିଲେ। ଏଥିସହ ଲୋକଙ୍କୁ ନିଶାମୁକ୍ତ, ପ୍ଲାଷ୍ଟିକମୁକ୍ତ କରିବା ନେଇ ସଚେତନ କରାଯାଇଥିଲା। ଷ୍ଟେଶନ ପରିସର ସଫେଇ ବେଳେ ଷ୍ଟେଶନ ମାଷ୍ଟର ସୁଶାନ୍ତ କୁମାର ବେହେରାଙ୍କ ସହ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ପରିଷଦର ଜିଲା ସଭାପତି ଚନ୍ଦ୍ରମଣି ଜେନାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସଭାପତି ଶିବପ୍ରସାଦ ସ୍ୱାଇଁ, ଉପସଭାପତି ରବୀନ୍ଦ୍ର ସ୍ୱାଇଁ, ଜିଲା ସମ୍ପାଦକ ନିରଞ୍ଜନ ବେହେରା, ଶ୍ରୀନିବାସ ଲେଙ୍କା, ପୀତାମ୍ବର ସ୍ୱାଇଁ, ଜଳଧର ଜେନା, କାଳନ୍ଦୀ ରାଉତ, ବଳରାମ ଭାରତୀ, ଶୁକଦେବ ସାହୁ, ସୂର୍ଯ୍ୟମଣି ପରିଡା, ଅନିରୁଦ୍ଧ ସାମଲ, ଧନେଶ୍ୱର ମହାକୁଡ, ମଦନମୋହନ ସାହୁ, କରୁଣାକର ସାମଲ, ବିଦ୍ୟାଧର ଜେନାଙ୍କ ସମେତ ବଜାରର ବ୍ୟବସାୟୀମାନେ ସାମିଲ ଥିଲେ।

# ଅଭିଯୁକ୍ତ ଲୋକପ୍ରତିନିଧିଙ୍କୁ ଗିରଫ ଦାବି

**ଚାନ୍ଦବାଲି, ୨୦।୧୦ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ମଉସୁଧା ପଞ୍ଚାୟତରେ ଅନିୟମିତତା ଓ କେତେକ ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିବା ପରେ ସରପଞ୍ଚ, ପୂର୍ବତନ ସରପଞ୍ଚଙ୍କ ନାମରେ ବିଡିଓ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଅଦ୍ୟାବଧି ସେମାନଙ୍କୁ ଗିରଫ କରାଯାଇ ନାହିଁ। ତୁରନ୍ତ ସେମାନଙ୍କୁ ଗିରଫ କରାଯିବାକୁ ଚାନ୍ଦବାଲି ବ୍ଲକ ଭାଜପା ପକ୍ଷରୁ ଦାବି ହୋଇଛି। ନଚେତ୍ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅନୁଷ୍ଠିତ ଏକ ସାଧାରଣ ସଭାରେ ଚେତାବନୀ ଦିଆଯାଇଛି। ପୂର୍ବତନ ସରପଞ୍ଚ ଗୌରହରି ନାୟକଙ୍କ ସଭାପତିତ୍ୱରେ ମଉସୁଧା ବଜାରରେ ସାଧାରଣ ସଭା ହୋଇଥିଲା। ପଞ୍ଚାୟତର କେତେକ ଯୋଜନାରେ ଅନିୟମିତତା ଓ ସରକାରୀ ଅର୍ଥ ହେରଫେର ନେଇ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ କ୍ଷେତ୍ରୀୟ ତଦନ୍ତ କରାଯାଇଥିଲା। ବିଡିଓଙ୍କ ଅଭିଯୋଗ ପରେ ମଧ୍ୟ ବାଂଶଡ଼ା ଥାନା ପୋଲିସ ଅଭିଯୁକ୍ତ ଲୋକପ୍ରତିନିଧିଙ୍କୁ ଗିରଫ କରୁନାହିଁ ବୋଲି ସଭାରେ ଅଭିଯୋଗ ହୋଇଥିଲା। ସେମାନଙ୍କୁ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ବାଂଶଡ଼ା ଥାନା ଘେରାଉ ଓ ରାସ୍ତାରୋକୋ କରାଯିବାକୁ ନିଷ୍ପତ୍ତି ହୋଇଥିବା ମା' ଗଜଲକ୍ଷ୍ମୀ ମଣ୍ଡଳ ସଭାପତି କାହ୍ନୁଚରଣ ବେହେରା ସୂଚନା ଦେଇଛନ୍ତି। ଶ୍ରୀକାନ୍ତ ରାଉତ, ପ୍ରବୀଣ ନାୟକ, ଦୟାନିଧି ପାତ୍ର, ସମିତିସଭ୍ୟ ତାପସ ନାୟକ, ରମାକାନ୍ତ ନାୟକ, ଲକ୍ଷ୍ମୀଧର ସେନାପତି, ଶଶୀକାନ୍ତ ମହାଲିକ, ଭାଜପା ଜିଲା ଉପସଭାପତି କମଳାକାନ୍ତ ସୂତାର ଓ ବିପଦ ବିଶ୍ୱାଳ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

### ଧାନଚାଷ ସମ୍ପର୍କିତ କର୍ମଶାଳା

**ବନ୍ତ, ୨୦।୧୦ (ଡି.ଏନ.ଏ.):** ବନ୍ତ ବ୍ଲକ କ୍ଷେଣ୍ଡତୀରା ପଞ୍ଚାୟତ ବାଲିଗଡ଼ିଆଠାରେ ଧାନଚାଷ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୀଳମଣି ଫର୍ଟିଲାଇଜର ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଅଚ୍ୟୁତାନନ୍ଦ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱୀକୃତିପ୍ରାପ୍ତ କୀଟନାଶକ ଔଷଧ ବିକ୍ରେତା କମଳ କୁମାର ନନ୍ଦ ଯୋଗଦେଇ ଧାନଚାଷ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଚାଷୀ ଭାଗୀରଥି ନାୟକ, ଗୋଲକ ଜେନା, ଦାଶରଥୀ ଜେନା, ରତି ସାହୁ, ଇନ୍ଦ୍ରମଣି ବେହେରା, ହରେକୃଷ୍ଣ ଜେନା, ରମେଶ ଜେନା ଓ ଭାସ୍କର ସେଠୀ ଯୋଗ ଦେଇଥିଲେ। ବିଭୁପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଚିଲା ନଦୀବନ୍ଧରେ ଫାଟ

**ଧାମନଗର, ୨୦।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ପଧାନୀ ପଞ୍ଚାୟତର ଉପର ଶଇଲୋ ନିକଟ କୋଚିଲା ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଶନିବାର ଫାଟ ସୃଷ୍ଟି ହୋଇ ଏହା ବଢ଼ିବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଫାଟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ବିଷ୍ଣୁଚରଣ ସେଠୀ, ବିଭାଗୀୟ ସହକାରୀ ଯନ୍ତ୍ରୀ ଭୁବନାନନ୍ଦ ମହାନ୍ତି, କନିଷ୍ଠ ଯନ୍ତ୍ରୀ କିଶୋର ଦାସ ଏବଂ ପ୍ରଦୀପ ଦାସ ଘଟଣାସ୍ଥଳ ବୁଲି ଦେଖିବା ସହିତ ତୁରନ୍ତ ମରାମତି ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ପ୍ରକାଶ ଯେ, ନଦୀବନ୍ଧର ଉକ୍ତ ସ୍ଥାନରେ କ୍ରମାଗତ ଭାବେ ୪ ବର୍ଷ ଧରି ଫାଟ ସୃଷ୍ଟି ହେଉଛି। ସେହିପରି ବିଭିନ୍ନ ସ୍ଥାନରେ ନଦୀବନ୍ଧ ଧସୁଛି। ଏବେ ଫାଟ ହୋଇଥିବା ସ୍ଥାନରେ ନଦୀଗର୍ଭକୁ ପଥରପ୍ୟାକିଂ ହୋଇଥିବାବେଳେ ଦକ୍ଷିଣ ଦିଗକୁ ୱାଲ ମଧ୍ୟ କରାଯାଇଛି। ପୂର୍ବବର୍ଷ ଧସିଥିବା ସ୍ଥାନରେ ମରାମତି କାର୍ଯ୍ୟ ହୋଇଥିଲେ ମଧ୍ୟ ପୁଣି ଚଳିତବର୍ଷ ସେହି ସ୍ଥାନରେ ଫାଟ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ନଦୀବନ୍ଧ ଧସୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



# ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ



ଉର୍ଦ୍ଦୁ କବି ସମ୍ମିଳନୀରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୦।୧୦**

ଭଦ୍ରକ ପୁରୁଣାବଜାର ମଦିନା ମଇଦାନଠାରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ଡ. ସୈୟଦ ମୁଶିର ଆଲମ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ଅନ୍ୟତମ ଅତିଥି ଭାବେ ମୁସ୍‌ଲିମ୍ ଜମାତ୍‌ର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ପୂର୍ବତନ କାଉନସିଲର ମହମ୍ମଦ ଇକ୍‌ବାଲ ଖାଁ, ମୁସ୍‌ଲିମ୍ ଜମାତ୍‌ର ସମ୍ପାଦକ ଏନାମ ମହମ୍ମଦ, ହାଜୀ ଅନୱର ହୋସେନ, ତାହେର ମହମ୍ମଦ ଯୋଗ ଦେଇଥବଲେ। ଉର୍ଦ୍ଦୁର ଗୁଣାତ୍ମକ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ସମନ ନସିମିଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜ୍ୟରୁ ଆସିଥିବା ଖ୍ୟାତିସମ୍ପନ୍ନ ଉର୍ଦ୍ଦୁ କବି ସେମାନଙ୍କ କବିତା ପାଠ କରିଥିଲେ। ଭୋପାଳର ଡ. ଅଞ୍ଜୁମ ବାରାବାଙ୍କି, ଦିଲ୍ଲୀର ସରଫ ନନପରଭି, ୱାରିଷ୍ ୱାରଷି, ମହେକ କିରନଓ୍ୱୀ, ଟିପିକାଲ ଜାଗତେଆଲୀ, ଚୋଞ୍ଚ ସିଆଲ (ହାଇଦ୍ରାବାଦ), ଅଫଜଲ ଦାନିଷ(ମଧ୍ୟପ୍ରଦେଶ), ଚାନ୍ଦ ଦେବନ୍ଦୀ (ଉତ୍ତରପ୍ରଦେଶ), ମୋଇନ ସଫକ, ମୁଖତାର ନସିମ(ଓଡ଼ିଶା) କବିତା ପାଠ କରିଥିଲେ। ସଞ୍ଚାଳକ ଭାବେ ପ୍ରସିଦ୍ଧ କବି ମୁସ୍ତାକ ଗୌହର ଦାୟିତ୍ୱ ତୁଲାଇଥିଲେ। ମିର୍ଜା ଇଜାଜ ବେଗ, ଜହିରୁଦ୍ଦିନ ଖାଁ, ନନ୍ନା ଖାଁ, ଶେଖ୍ ଜୁଲଫୁକାର, ଜାନି ଖାଁ, ହକିମୁଦ୍ଦିନ ଓ ମଇରାଜୁଦ୍ଦିନ ପରିଚାଳନା କରିଥିଲେ।

### ଶିଶୁ ମହୋତ୍ସବ ସୁରଭି

**ଚାନ୍ଦବାଲି, ୨୦।୧୦ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ମତୋ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଗୌଡୁଣୀ ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ୧୧ଟି ବିଦ୍ୟାଳୟର ଶତାଧିକ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରଚନା, କୁଇଜ୍, ଚିତ୍ରାଙ୍କନ, ସଂଗୀତ, ସୃଜନାତ୍ମକ ଲିଖନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି ଗିରିଧାରୀ ଭଳ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା, ଶିକ୍ଷକନେତା ପ୍ରଫୁଲ୍ଲ ଦାସ, ସଦାନନ୍ଦ ମହାନ୍ତି, ପ୍ରଧାନଶିକ୍ଷକ ସନାତନ ଜେନା, ସସ୍ମିତା ମହାନ୍ତି, ଧ୍ରୁବଚରଣ ଧଳ, ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରକାଶ ନାୟକ, ଭୀମ୍‌ସେନ ଦାସ, ସୁଶାନ୍ତ ବିଶ୍ୱାଳ ଓ ପ୍ରଶାନ୍ତ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ତପନ ସାହୁ, ବୀରକିଶୋର ଦାସ, ଦୀପ୍ତିମୟୀ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକରେ ପର୍ଯ୍ୟଟନ ପର୍ବ**

**ଭଦ୍ରକ ଅଫିସ, ୨୦।୧୦**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଶନିବାର ପର୍ଯ୍ୟଟନ ପର୍ବ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ପର୍ବକୁ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ ଯୋଗଦେଇ ପର୍ଯ୍ୟଟନର ମହତ୍ତ୍ୱ ଏବଂ ଗାନ୍ଧୀଙ୍କ ଆଗମନ ସହ ଭଦ୍ରକର ସମ୍ପୃକ୍ତି ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକ ଏବଂ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲା ସ୍କୁଲର ଆକାଂକ୍ଷା ଦେବରଞ୍ଜିତା ଦାସ ପ୍ରଥମ ହୋଇଥିବା ବେଳେ କୃଷ୍ଣକେଶବ ମହାପାତ୍ର ଦ୍ୱିତୀୟ ଓ ବିଭୁକଲ୍ୟାଣ ସେନାପତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୋଡ଼ାନାଚ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଜୀବନୀ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସେହିପରି କେନ୍ଦ୍ରାପଡ଼ାର ଗୋପାଳ ଦାସ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଆକର୍ଷଣୀୟ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ଅଧିକାରୀ ମୋନାଲିସା ଜେନା ଏବଂ ସଂସ୍କୃତି ବିଭାଗର ଗୋଲଖ ଚନ୍ଦ୍ର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ।

### କଂଗ୍ରେସ ପର୍ଯ୍ୟବେକ୍ଷକ ଦଳର ଚାନ୍ଦବାଲି ଗସ୍ତ

**ଚାନ୍ଦବାଲି, ୨୦।୧୦ (ଡି.ଏନ.ଏ.):** ରାଜ୍ୟ ପ୍ରଦେଶ କମିଟିର ନିର୍ଦ୍ଦେଶକ୍ରମେ କଂଗ୍ରେସର ଭଦ୍ରକ ଜିଲା ଦଳୀୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ସହିତ ଜିଲା ସଭାପତି ଅଶୋକ ଦାସ, ଉପସଭାପତି ବିକାଶ ସାମଲ ପ୍ରମୁଖ ରବିବାର ସକାଳେ ଚାନ୍ଦବାଲି ଗସ୍ତ କରିଥିଲେ। ଚାନ୍ଦବାଲି ସ୍ଥିତ ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ନେତା ଦିଗମ୍ବର ଦାସଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କୁ ଡାକି ଦଳର ସାଙ୍ଗଠନିକ ସ୍ଥିତି ଓ ନେତୃତ୍ୱ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପରେ ଦଳୀୟ କର୍ମୀଙ୍କ ସମାବେଶର ସଙ୍ଗଠନ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବେତଡ଼ା ବଜାରରେ ଜମୁଛି ଗଜଲକ୍ଷ୍ମୀ ପୂଜା


କଚେରି ବଜାର ପୂଜା ମଣ୍ଡପ।

**ବାସୁଦେବପୁର, ୨୦।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରରେ ଜମୁଛି ଐତିହାସିକ ଗଜଲକ୍ଷ୍ମୀ ପୂଜା। ରଙ୍ଗବେରଙ୍ଗର ଆଲୋକମାଳାରେ ବେତଡ଼ା ବଜାର ଓ ୪ଟି ପୂଜା ମଣ୍ଡପ ଝଲସି ଉଠୁଛି। ଚଳିତବର୍ଷ ୪ ପୂଜା ମଣ୍ଡପରେ ନିର୍ମିତ ତୋରଣ ଆକର୍ଷଣୀୟ ହୋଇଛି। ବଜାରର ସର୍ବପୁରାତନ ସାର୍ବଜନୀନ ଲକ୍ଷ୍ମୀପୂଜା ମଣ୍ଡପରେ ଟ୍ରାଫିକ ସଚେତନତା ଚିତ୍ରକଳ୍ପ ସ୍ଥାନ ପାଇଛି। ଏହା ବାଇକ୍ ଚାଳକଙ୍କୁ ଅଧିକ ସତର୍କ ଓ ସଚେତନ କରାଇବାର ବାର୍ତ୍ତା ଦେଉଛି। ଏହି ଚିତ୍ରକଳ୍ପ ସାମାଜିକ ସ୍ତରରେ ବେଶ୍ ଆଦୃତି ଲାଭ କରିଥିବା ପରିଲକ୍ଷିତ ହୋଇଛି। ଚିତ୍ରକଳ୍ପ ନିକଟରେ ଶ୍ରଦ୍ଧାଳୁ, ଦର୍ଶକଙ୍କ ଭିଡ଼ ବେଶ୍ ଜମୁଛି। ସେହିପରି ଏହି ପୂଜା ମଣ୍ଡପରେ ଚଳିତବର୍ଷ ଦ୍ୱାପର ଯୁଗର ପୌରାଣିକ କଥାବସ୍ତୁ ଦ୍ରୌପଦୀଙ୍କ ବସ୍ତ୍ର ହରଣ ଚିତ୍ରକଳ୍ପ ଅତି ନିଖୁଣ ଭାବେ ଚିତ୍ରଶିଳ୍ପୀ ପ୍ରଦର୍ଶିତ କରିଛନ୍ତି। କଚେରିବାଡ଼ି ମଣ୍ଡପରେ ମଧ୍ୟ ଅନୁରୂପ ଭାବେ ଦ୍ୱାପର ଯୁଗର କଥାବସ୍ତୁ ଭଗବାନ ଶ୍ରୀକୃଷ୍ଣ କିପରି ବନ୍ଧୁ ସୁଦାମାଙ୍କ ପଦ ଧୌତ କରୁଛନ୍ତି ତାହାର ଚିତ୍ରକଳ୍ପ ଆକର୍ଷଣ ସାଜିଛି।


ଟ୍ରାଫିକ ଯାଞ୍ଚ ସଚେତନତା ଚିତ୍ରକଳ୍ପ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

କପ୍ତିପଦା,୨୦।୧୦(ଡି.ଏନ୍.ଏ.)- କପ୍ତିପଦା-ବାଲେଶ୍ୱର ରାସ୍ତାର ହରଡ଼ଡ଼ାହି ଛକ ନିକଟରେ ରବିବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଉଦଳା ବ୍ଲକ୍ ଡ଼ିହିରାକୁଳ ଗ୍ରାମର ଦିନେଶ ହାତୀ ଏବଂ କିଶୋର ପୃଷ୍ଟି ଗତ ୧୯ ତାରିଖ ରାତିରେ ଲକ୍ଷ୍ମୀପୂଜା ଉପଲକ୍ଷେ କପ୍ତିପଦା ବ୍ଲକ ନୂଆସାହିଠାରେ ଯାତ୍ରା ଦେଖିବାକୁ ଆସି ବାଇକରେ ଫେରୁଥିବା ବେଳେ ଏକ ଗଛରେ ପିଟି ହୋଇଯାଇଥିଲେ। ପଛରେ ଆସୁଥିବା ଅନ୍ୟ ସାଙ୍ଗମାନେ ଉଭୟଙ୍କୁ ଚିକିତ୍ସା ପାଇଁ ଉଦଳା ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ଡ଼ାକ୍ତର ଦୀନେଶଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ଗୁରୁତର ହେବାରୁ କିଶୋରଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବଡ଼ସାହି,୨୦।୧୦(ସ୍ୱ.ପ୍ର)-ବଡ଼ସାହି ଥାନା ଅଧୀନ କୁଲଡିହା ଗ୍ରାମର ଜଣେ ଯୁବକଙ୍କ ରବିବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପକ ସିଂ(୩୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୯/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ମୃତ୍ୟୁର କାରଣ ଜଣା ପଡ଼ି ନାହିଁ।

### ନିଆଁରେ ପୋଡ଼ି ଦମ୍ପତି ଆହତ

ବାଙ୍ଗିରିପୋଷି,୨୦।୧୦(ଡି.ଏନ୍.ଏ.)- ବାଙ୍ଗିରିପୋଷି ଥାନା ଅଧୀନ ବଣକାଟୀ ପଞ୍ଚାୟତର ଗୋଷାଣିପାଳ ସିଂ ସାହିରେ ରବିବାର ନିଆଁରେ ପୋଡ଼ି ଦମ୍ପତି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ଦୀପୁ ସିଂ ଘର ସମ୍ମୁଖରେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ରେଣୁକା ସିଂ ରୋଷେଇ କରୁଥିଲେ। ଏହି ସମୟରେ ତାଙ୍କ ପଛ ପଟେ ଥିବା ଡିବିରି ନିଆଁ ରେଣୁକାଙ୍କ ଲୁଗାରେ ଲାଗିଯାଇଥିଲା। ରେଣୁକାଙ୍କ ଚିତ୍କାର ଶୁଣି ସ୍ୱାମୀ ଦୀପୁ ତାଙ୍କୁ ଉଦ୍ଧାର କରିବା ସମୟରେ ପୋଡି ହୋଇ ଆହତ ହୋଇଥିଲେ। ଆହତ ଦମ୍ପତିଙ୍କୁ ଚିକିତ୍ସା ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

### ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ବୈଶିଙ୍ଗା,୨୦।୧୦(ଡି.ଏନ୍.ଏ.)- ବୈଶିଙ୍ଗା ଥାନା ଅନ୍ତର୍ଗତ ମହୁରୀ ଗ୍ରାମରେ ଲକ୍ଷ୍ମୀ ପୂଜା ସମୟରେ ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅଭିରାମ ଦଲେଇ। ପୋଲିସ ସୂଚନା ଅନୁଯାୟୀ, ଅଭିରାମଙ୍କ ସହିତ ସେହି ଗ୍ରାମର ୱାର୍ଡ ମେମ୍ବର ସୋମ୍ୟରଞ୍ଜନ ରାଉତଙ୍କ ଗଣ୍ଡଗୋଳ ଘଟିଥିଲା। ଏଥିନେଇ ଗତ ୧୬ ତାରିଖରେ ଚନ୍ଦନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୨୧୪/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

### ଝାମ୍ପିନେଲେ ସୁନାହାର

ବଡ଼ସାହି,୨୦।୧୦(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମର ଜନୈକା ମହିଳାଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନାହାର ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ ତ୍ରିଲୋଚନ ଭୂୟାଁଙ୍କ ପତ୍ନୀ ପ୍ରେମଲତା ବଡିଭୋରରୁ ଶୌଚ ଲାଗି ଉଠି ଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ୪୦ହଜାର ମୂଲ୍ୟର ସୁନାହାର ଲୁଟି ନେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ମଧ ଦୁର୍ବୃତ୍ତଙ୍କ ପତ୍ତା ପାଇ ପାରି ନାହିଁ।

### ଛେଳି ଚୋରଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଚିତ୍ରଡ଼ା,୨୦।୧୦(ଡି.ଏନ୍.ଏ.): ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ରାଜାବନ୍ଧଠାରେ ରବିବାର ପୂର୍ବାହ୍ନରେ ୨ ଛେଳି ଚୋରଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ଏକ କଳା ରଙ୍ଗର ପଲସର ବାଇକରେ ଦୁଇଜଣ ଯୁବକ ସଦର ଥାନା ଅଧୀନ ଗୁଞ୍ଜୁସାହି ଅଞ୍ଚଳରୁ ଛେଳି ଚୋରାଇ ଆଣି ଅସୁଥିଲେ। ସ୍ଥାନୀୟ ଲୋକେ ବାଇକକୁ ପିଛା କରି ସେମାନଙ୍କୁ କାବୁ କରିଥିଲେ। ପରେ ଉଭୟଙ୍କୁ ପୋଲିସ ଜିମା ଦିଆଯାଇଥିଲା। ସଦରଥାନା ପୋଲିସ ବାଇକ ଓ ଛେଳି ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଅସହାୟ ୬ ଅନାଥ ଭଉଣୀ ଭାଇ

ବଡ଼ସାହି,୨୦।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ମୁଖ୍ୟାଳୟଠାରୁ ମାତ୍ର ୫ କି.ମି. ଦୂର ବଳଭଦ୍ରପୁର ଗ୍ରାମରେ ଦୁଇ ପରିବାରର ୬ ଅନାଥ ପିଲା ଏବେ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ପରପିଣ୍ଡା ଓ ଗଛମୂଳ ପାଲଟିଛି ସେମାନଙ୍କ ଆଶ୍ରୟ ସ୍ଥଳ। ଓଳିଏ ଖାଇଲେ ଆର ଓଳି ଉପାସ। ସରକାର ଶିଶୁଙ୍କ ସୁରକ୍ଷା ଓ ଅସହାୟମାନଙ୍କ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏସବୁ ଯୋଜନା କିଭଳି ଅନାଥ ଶିଶୁଙ୍କ ଲାଗି ଉପହାସ ପାଲଟିଛି, ତାହାର ବାସ୍ତବ ଚିତ୍ର ଏବେ ପଦାକୁ ଆସିଛି।

ବଳଭଦ୍ରପୁରର ଗୋଟିଏ ପରିବାରରେ ମା' ମମତା ମହାନ୍ତ ମ୍ୟାଲେରିଆ ରୋଗରେ ପୀଡିତ ହୋଇ ୧୦ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ପରିବାରର ଆର୍ଥିକ ଅନଟନ ସ୍ଥିତିକୁ ମୁକାବିଲା କରୁ କରୁ ରୋଗରେ ଆକ୍ରାନ୍ତ ହୋଇ ବାପା ଉମେଶ ମହାନ୍ତ ୫ବର୍ଷ ପୂର୍ବେ ଆଖି ବୁଜିଥିଲେ। ମା' ବାପାଙ୍କ ମୃତ୍ୟୁପରେ ଦୁଇ ଝିଅ ଦୀପା ଓ ଟିକି, ଦୁଇପୁଅ ଠୁଲିଆ(୧୫) ଓ ବଳିଆ(୧୨) ଅସହାୟ ହୋଇପଡିଥିଲେ। ଦୀପା ସାବାଳିକା ହେବା ପରେ ପାଖ ପଡୋଶୀଙ୍କ ସହାୟତାରେ ବିବାହ କରି ଶାଶୁ ଘରେ ରହୁଛନ୍ତି। ଦାରିଦ୍ର୍ୟ କଷାଘାତ ଯୋଗୁ ବଡପୁଅ ଠୁଲିଆର ଅଷ୍ଟମ ଶ୍ରେଣୀରୁ ପାଠପଢାରେ ଡୋରି ବନ୍ଧା ହେବାରୁ ସେ ଅନ୍ୟ ଭଉଣୀଭାଇଙ୍କ



ଭୋକରେ ଲୋଟୁଛି ଭିନ୍ନକ୍ଷମ ରୂପା, ପାଖରେ ବସିଛନ୍ତି ଦୁଇ ଭାଇ।



ଅନାଥ ହୋଇଥିବା ଭଉଣୀ ଭାଇ।

ପେଟକୁ ଆହାର ଯୋଗାଇବା ଲାଗି ଦାଦନ ଖଟିବାକୁ ଭୁବନେଶ୍ୱର ଚାଲି ଯାଇଛନ୍ତି। ଭଉଣୀ ଟିକି(୧୮) ଏବେ କାମଧନ୍ଦା କରି ସାନଭାଇ ବଳିଆକୁ ଧରି ଭଙ୍ଗା ଘରେ ପଡିରହିଛି। ଗାଁ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ବଳିଆ ଓଳିଏ ଖାଇ ଓଳିଏ ଉପାସରେ ରହୁଛନ୍ତି। ଅଷ୍ଟମ ଶ୍ରେଣୀ ପରେ ଦାଦନ ଖଟିବା ଛଡା ଅନ୍ୟ ଚାରା ନାହିଁ ବୋଲି ସେ କହିଛନ୍ତି। ଏହି ଅନାଥ ୩ ଭଉଣୀ ଭାଇଙ୍କ ପାଖରେ କୌଣସି ସରକାରୀ ସହାୟତା ପହଞ୍ଚି ପାରି ନାହିଁ।

ଏହି ୱାର୍ଡର ଆଉ ଏକ ପରିବାରର ୩ ଅନାଥ ଶିଶୁ ଅସହାୟ ସ୍ଥିତିରେ ରହିଛନ୍ତି। ପିତା ଲବ ସିଂ(୪୭) ଯକ୍ଷ୍ମା ଓ ମାତା ସମ୍ବାରୀ ସିଂ(୩୯) ଅପପୁଷ୍ଟି ରୋଗରେ ଆରପାରିକୁ ଚାଲିଯିବା ପରେ ଭିନ୍ନକ୍ଷମ ଝିଅ ରୂପା(୧୫), ପୁଅ ରୁହ୍ୟା(୧୦) ଓ ସୁମିତ(୬) ଅସହାୟ ହୋଇପଡିଛନ୍ତି। ମାନସିକ ଭିନ୍ନକ୍ଷମ ରୁପା ଜନ୍ମରୁ ବଧିର। ତାଙ୍କୁ ଏଯାଏ ମିଳିନି ଭିନ୍ନକ୍ଷମ ପ୍ରମାଣପତ୍ର। ଏକ ନୁଆଁଣିଆ ଚାଳଛପର ଘର ବାରଣ୍ଡାରେ ଭୋକ ଉପାସରେ ସେ ପଡି ରହୁଛନ୍ତି। ଭଉଣୀଙ୍କ ଏପରି ଅବସ୍ଥା ଦେଖି ଦୁଇ ସାନ ଭାଇ ହତବାକ୍। ଏହି ଶିଶୁମାନଙ୍କ ମୁହଁରେ ଦାନା ଦେବା ଲାଗି ମାମୁ ଜଗନ ସିଂ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଛନ୍ତି। ଆଈ ଅଜା ନ ଥିବାରୁ ମାଉସୀ କୁନି ସିଂ ଶାଶୁଘର ଛାଡି ପିଲାଙ୍କ ଦେଖାଶୁଣା କରୁଛନ୍ତି। ଏବେ ପ୍ରଶାସନ ସହାୟତାରେ ରୁହ୍ୟା ଓ ସୁମିତ ଧାନପୋତା ପ୍ରାଥମିକ ସ୍କୁଲ ଛାତ୍ରାବାସରେ ରହି ପାଠ ପଢୁଛନ୍ତି। ଖରାଛୁଟି ବା ପୂଜା ଛୁଟିରେ ହଷ୍ଟେଲ ବନ୍ଦ ହେଲେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଆଣି ଘରେ ଛାଡି ଦେଇ କର୍ତ୍ତବ୍ୟ ସାରି ଦେଉଛନ୍ତି। ଦେହ ଖରାପ ହେଲେ ପିଲାମାନେ ପାଖପଡିଶାଙ୍କ ସହାୟତାରେ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ରାଶନ କାର୍ଡ ମିଳିଥିଲେ ବି ଚାଉଳ କିଣିବା ପାଇଁ ଟଙ୍କା ଦେବାକୁ ସେମାନଙ୍କ ସାମର୍ଥ୍ୟ ନାହିଁ। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ସେମାନଙ୍କ ପାଇଁ ସାତ ସପନ। ସରକାର ଗରିବ ଓ ଅସହାୟଙ୍କ ଲାଗି ବିଭିନ୍ନ ଯୋଜନା କରୁଥିବା ବେଳେ ଅଧିକାରୀମାନେ ତଳସ୍ତରରେ ଏହାକୁ କିପରି କାର୍ଯ୍ୟକାରୀ କରୁଛନ୍ତି ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ଗାଁର ଏହି ଅନାଥ ଶିଶୁଙ୍କୁ ତୁରନ୍ତ ଥଇଥାନ କରିବା ସକାଶେ ଅଞ୍ଚଳବାସୀ ଦାବି କରିଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ଯଥାଶୀଘ୍ର ଏହି ଅନାଥ ଶିଶୁଙ୍କୁ ଉଦ୍ଧାର କରି ଥଇଥାନ କରାଯିବ ବୋଲି କହିଛନ୍ତି।

# କେନ୍ଦ୍ରୀୟ ଟିମ୍‌ର ଉଦଳା ଓ ରାଇରଙ୍ଗପୁର ଡାକ୍ତରଖାନା ପରିଦର୍ଶନ

ଉଦଳା/ ରାଇରଙ୍ଗପୁର, ୨୦।୧୦ (ଡି.ଏନ୍.ଏ.)–

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କମନ ରିଭ୍ୟୁ ମିଶନର ପ୍ରତିନିଧି ଦଳ ଉଦଳା ଓ ରାଇରଙ୍ଗପୁର ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଶନିବାର ସନ୍ଧ୍ୟାରେ ତିନି ଜଣିଆ କେନ୍ଦ୍ରୀୟ ଟିମ୍ ଉଦଳା ଡାକ୍ତରଖାନା ପରିଦର୍ଶନରେ ଆସି ସାଧାରଣ ଲୋକଙ୍କ ସହିତ ଆଲୋଚନା କରିବା ସହ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଟିମ୍ ସହ ଡ. ଅରୁଣ ଅଗ୍ରୱାଲ, ପ୍ରବୋଧ ମିଶ୍ର ଏବଂ ବନ୍ଦନା ମିଶ୍ର ରହି ଡାକ୍ତରଖାନା ପରିଦର୍ଶନ କରିଥିଲେ।

ସେହିପରି ଡା. ଜର୍ଜ ଫିଲିଫଙ୍କ ନେତୃତ୍ୱରେ ଡା. ମେହାନାୟକ, ଡା.ମହତାବଆଲନ୍ଦଏବଂମନୋଜଗୁପ୍ତାଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ରାଇରଙ୍ଗପୁର ସବ୍‌ଡିଭିଜନାଲ ହସ୍ପିଟାଲ



କେନ୍ଦ୍ରୀୟ ଟିମ୍ ଉଦଳା ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ରାଇରଙ୍ଗପୁର ସବ୍‌ଡିଭିଜନାଲ ହସ୍ପିଟାଲର ବିଭିନ୍ନ ୱାର୍ଡରେ ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟ ଏବଂ ଡକ୍ତରଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଏଥିସହ ସମ୍ପୃକ୍ତ ହସ୍ପିଟାଲର ରକ୍ତଭଣ୍ଡାର, ମ୍ୟାଲେରିଆ ରୋଗ ଚିହ୍ନଟ ଓ ଚିକିତ୍ସା କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ଓପିଡି ଏବଂ ମେଡିସିନ୍ ଷ୍ଟୋର ଗୃହ ସହ ବିଭିନ୍ନ କେନ୍ଦ୍ର ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ବେଳେ ରାଇରଙ୍ଗପୁର ହସ୍ପିଟାଲର ଏସ୍‌ଡିଏମ୍‌ଓ ଡା.ଛତିଶ ଚନ୍ଦ୍ର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଏବଂ ପଦାଧିକାରୀ ଉପସ୍ଥିତ ଥିଲେ। ଏହା ବ୍ୟତୀତ କେନ୍ଦ୍ରୀୟ ପ୍ରତିନିଧି ଦଳ ଯଶିପୁର ଗୋଷ୍ଠୀ କ୍ରେନ୍ଦ୍ର, ଶିମିଳିପାଳ ଅଭୟାରଣ୍ୟ ପାର୍ଶ୍ୱ ଗୁଡୁଗୁଡ଼ିଆ ପ୍ରାଥକିମ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ରାଇରଙ୍ଗପୁର ସବ୍‌ଡିଭିଜନ ବିଜାତଳା ବ୍ଲକ ଅନ୍ତର୍ଗତ ଭରଣ୍ଡିଆ ଏବଂ ବଳଭଦ୍ରପୁର ଗ୍ରାମାଞ୍ଚଳର ଉପସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

# ବହଳଦା ଅଞ୍ଚଳରେ ମା' ମନସାଙ୍କ ପୂଜା

ବହଳଦା,୨୦।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ଅଞ୍ଚଳରେ ମା'ମନସାଙ୍କ ପୂଜା ଯୋଗୁ ପରିବେଶ ଉତ୍ସବମୁଖର ହୋଇଉଠିଛି। ବ୍ଲକ ଅଧୀନ ବାସିଙ୍ଗି ଗ୍ରାମରେ ୧୯୭୨ ମସିହାରୁ ଆରମ୍ଭ ହୋଇଥିବା ମା' ମନସାଙ୍କ ପୂଜା ଭକ୍ତମାନଙ୍କ ମଧ୍ୟରେ ଆକର୍ଷଣ ହୋଇ ରହିଛି। ଇଂ. ମହେନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏଥର ପୂଜା ପରିଚାଳିତ ହେଉଛି। ଶୁକ୍ରବାର ରାତିରେ ଘଟ ଅଣାଯିବା ପରେ ଶନିବାର ପାରମ୍ପରିକ ରୀତିନୀତିରେ ପୂଜା କାର୍ଯ୍ୟ ହୋଇଥିଲା। ଏଠାରେ ପୂର୍ବରୁ ମା'ମନସାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିଲେ। ୨୦୧୮ରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ମା' ମନସାଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜା ହୋଇ ଆସୁଛି। ଶହ ଶହ ମହିଳା ଶ୍ରଦ୍ଧାଳୁ ଆସି ସେମାନଙ୍କ ମାନସିକ ପୂଜା କରିଥିଲେ। ବିଶ୍ୱାସ ଅଛି ଯେ ମା'ଙ୍କୁ ପୂଜା କଲେ ସର୍ପ ଦଂଶନ ଜନିତ ମୃତ୍ୟୁରୁ ରକ୍ଷା ମିଳେ। ଏହି ଅଞ୍ଚଳରେ କୁଡୁମୀ ଓ ମଣ୍ଡଳ ପରିବାରର ଲୋକେ ମନସା ପୂଜାକୁ ନିଷ୍ଠାର ସହ ପାଳନ କରିଥାନ୍ତି। ବାସିଙ୍ଗି ଗ୍ରାମ ସମେତ ବହଳଦା, କୁମ୍ଭାରସାହି, କୁଲଗି, ଗିଦିଘାଟି, ଯଶୀପୁର ଓ ବଡପଳସା ଅଞ୍ଚଳରେ ମା' ମନସାଙ୍କ ପୂଜା ହୋଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ଅପେରା ସାଙ୍ଗକୁ ଝୁମର ଓ ଛଉନୃତ୍ୟର ଆୟୋଜନ କରାଯାଇଛି।

# ଉଦଳା କଲେଜ ଇଂଲିଶ ବିଭାଗର ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ଉଦଳା,୨୦।୧୦(ଡି.ଏନ୍.ଏ.)

ଉଦଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାସ୍ତ୍ରୀୟ ଯୁଗରେ ଇଂଲିଶ ଭାଷାର ଗୁରୁତ୍ୱ ବିଷୟରେ ଆଲୋଚନା ହୋଇଥିଲା। ଏହି ବିଷୟକୁ ନେଇ ମହାବିଦ୍ୟାଳୟର ୧୦ ଜଣ ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅଧ୍ୟାପକ ପ୍ରଭାକର ସାହୁ, ପ୍ରଫେସର ଗିରିଶ ଚନ୍ଦ୍ର ପୁଥାଳ ଯୋଗ ଦେଇଥିଲେ। ଇଂଲିଶ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଯତୀନ କୁମାର ମହାକୁଡ ପାଠଚକ୍ର ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଧାନଘେରା ମହାବିଦ୍ୟାଳୟ ଇଂଲିଶ ବିଭାଗର ଅଧ୍ୟାପକ ଜୟନ୍ତ ଜେନା ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### କଳମଗଡ଼ିଆ ଓ ପଦ୍ମପୋଖରୀ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

କପ୍ତିପଦା,୨୦।୧୦(ଡି.ଏନ୍.ଏ.)– କପ୍ତିପଦା ବ୍ଲକ୍ କମଳଗଡ଼ିଆ ଓ ପଦ୍ମପୋଖରୀ କ୍ଲଷ୍ଟରରେ ସୁରଭି – ୨୦୧୯ ଅନୁଷ୍ଠିତ ହୋଇଯାଇଛି। କଳମଗଡ଼ିଆ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଉରାଶି ଜି.ପି. ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ କପ୍ତିପଦା ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ବାନରା, ସମ୍ମାନନୀୟ ଅତିଥିଭାବେ ଅଜୟ କୁମାର ବେହେରା, ପୁରୁଷୋତ୍ତମ ବେହେରା, କାଳିଚରଣ ସିଂ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଟୋଲଗଡ଼ିଆ କ୍ଲଷ୍ଟର ସିଆରସିସି କରୁଣାକର ମଣ୍ଡଳଙ୍କ ସଂଯୋଜନାରେ ସିନିୟର ଅଷ୍ଟମରୁ ଦଶମ ଓ ଜୁନିୟର ଚତୁର୍ଥରୁ ସପ୍ତମ ବିଭାଗରେ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ସଂଗୀତ, ତର୍କ, ବାକ୍‌ପଟୁତା, ମଧ୍ୟାହ୍ନଭୋଜନରେ ହସ୍ତକର୍ମ, ଚିତ୍ର ଶିଳ୍ପ ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।। କାର୍ଯ୍ୟକ୍ରମକୁ ପରିଚାଳନାରେ ଉତ୍ତମ ରଣା, ଲମ୍ବୋଦର ପାତ୍ର, ଅରୁଣ ଖଣ୍ଡେଇ, ଗହ୍ନା ସିଂ, ଟୁନା ନାୟକ, ଆରତୀ ପରିଡ଼ା, ବିଶ୍ୱନାଥ ନାୟକ, ଭୋଳା ମାରାଣ୍ଡି, ମମତାରାଣୀ ସେଠୀ, ରାମଚନ୍ଦ୍ର ହାଁସଦା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକମାନେ ସହଯୋଗ କରିଥିଲେ। ସେହିଭଳି ପଦ୍ମପୋଖରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଦ୍ମପୋଖରୀ କ୍ଲଷ୍ଟରର ୧୬ଗୋଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସିଆରସିସି କ୍ଷେତ୍ରମୋହନ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୋଖରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୌରଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କପ୍ତିପଦା ମଣ୍ଡଳ ଶିକ୍ଷାଧିକାରୀ ଶଶୀଧର ସିଂ, ଭରତ ଚନ୍ଦ୍ର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ପୃଥକ୍ ଦୁର୍ଘଟଣାରେ ୨ ମୃତ

ରାଇରଙ୍ଗପୁର,୨୦।୧୦(ଡି.ଏନ୍.ଏ.):

ରାଇରଙ୍ଗପୁର ଟାଉନ ଓ ବିଶୋଇ ଥାନା ଅଞ୍ଚଳରେ ଦୁଇଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଟାଉନଥାନା ଅଧୀନ ଗଡ଼ ବସ୍ତି ନିକଟରେ ୨୨୦ନଂ. ଜାତୀୟ ରାଜପଥରେ ଏକ ବାଇକ୍ ସହ ଟାଟା ମ୍ୟାଜିକ୍‌ର ଦୁର୍ଘଟଣା ଘଟିଥିଲା। ଗୁରୁତର ଆହତ ଅବସ୍ଥାରେ ବାଇକ୍ ଆରୋହୀଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଏମ୍‌ଆର୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବାଇକ ଆରୋହୀ ହେଲେ ବାଦାମପାହାଡ ଥାନା ଅନ୍ତର୍ଗତ ଜନମଘୁଟୁ ଗ୍ରାମର ଲହିତ କୁମାର ମହାନ୍ତ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଶୁକ୍ରବାର ରାତି ୯ଟାରେ ବିଶୋଇ ଥାନା ଭାତଛତର ଗ୍ରାମ ନିକଟସ୍ଥ ୪୯ ନଂ. ଜାତୀୟ ରାଜପଥରେ ମାଲ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସେହି ଗ୍ରାମର ବିଦେଶୀ ମହାକୁଡ଼ ବୋଲି ଜଣାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ଟ୍ରକ୍‌କୁ ଜବତ କରିଛି।

# ପୂଜା କମିଟି ପକ୍ଷରୁ କୃତୀ ପ୍ରତିଭା ସମ୍ମାନିତ



ସିନେ ତାରକା ସ୍ୱରାଜଙ୍କୁ ସମ୍ମାନିତ କରାଯାଉଛି।

ବାରିପଦା ଅଫିସ,୨୦।୧୦

ବାରିପଦା ସହର ଓଡ଼ିଆପଡ଼ା ଯୁବ ସଂଘ ପୂଜା କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି। ଚଳିତ ବର୍ଷ ୫୮ ତମ ଦୁର୍ଗାପୂଜା ଅବସରରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ପଞ୍ଚାନନ ଦାସ(ନାଲୁ ବାବୁ)ଙ୍କ ସ୍ମୃତିରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ଦାସ, ଯୁବ ଉଦ୍ୟୋଗୀ ଅରୂପ କୁମାର ଦାସ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମାରାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ସିନେ ତାରକା ସ୍ୱରାଜ ବାରିକ ଓ ନୃତ୍ୟ ଶିଳ୍ପୀ ଶୁଭମ୍ ମହାପାତ୍ର ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସ୍ୱରାଜ ଓ ଶୁଭମଙ୍କ ସମେତ ଜଗନ୍ନାଥ ଦାସ, ରିତ ବେହେରା, ଯତୀନ୍ଦ୍ର ଦାସ, ଲିଟନ ପଟ୍ଟନାୟକ, ସୁଶାନ୍ତ ସିଂ, ଆହିଦ ଖାନ, ଦୀପକ ପାତ୍ର, ଦୀପୁ ଧଡା, ଏ.କେ ଖାନ ଓ ରୁପମ ରାମ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା କୃଷ୍ଣାନନ୍ଦ ମହାନ୍ତି, ଜ୍ୟୋତିପ୍ରକାଶ ରଥ, ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ଉପସଭାପତି ବିପ୍ଳବ ଭଞ୍ଜନ ବୁଗୁଡେଇ, ଦିଲୀପ ଦାସ, ସାଧାରଣ ସମ୍ପାଦକ ପ୍ରତ୍ୟୁଷ ଜେନା, ତାପସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ସିଂ, ରାଜାରାମ ପଣ୍ଡିତ ଓ ପ୍ରିୟଦର୍ଶନ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନକଲି ବନ୍ଧୁକ ଜବତ,୩ ଅଭିଯୁକ୍ତ ଗିରଫ

ବାଙ୍ଗିରିପୋଷି,୨୦।୧୦(ଡି.ଏନ୍.ଏ.):

ବାଙ୍ଗିରିପୋଷି ଥାନା ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ନକଲି ବନ୍ଧୁକ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ୩ ଜଣ ବନ୍ଧୁକଧାରୀ ଯୁବକ ଏକ ବାଇକ ଯୋଗେ ବିଶୋଇ ପଟୁ ବାଙ୍ଗିରିପୋଷି ଆଡକୁ ଆସୁଥିବା ବାଙ୍ଗିରିପୋଷି ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସେମାନଙ୍କର ଗତିବିଧି ଲକ୍ଷ୍ୟ ପାଇଁ କିଛି ପୋଲିସ କର୍ମଚାରୀ ଘାଟି ଉପରେ ଜଗି ରହିଥିବା ବେଳେ ଘାଟି ତଳେ ଥାନା ଅଧିକାରୀ ଚନ୍ଦନ କୁମାର ଘଡାଇଙ୍କ ସହ ପୋଲିସ ଟିମ ମଧ୍ୟ ସଜାଗ ରହିଥିଲା। କିଛି ସମୟ ବ୍ୟବଧାନରେ ଏକ ବାଇକରେ ୩ ଜଣ ଯୁବକ ଆସୁଥିବା ଲକ୍ଷ୍ୟ କରି ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେମାନେ ଅଟକି ନ ଥିଲେ। ପୋଲିସର ସନ୍ଦେହ ଦୃଢ଼ିଭୁତ ହେବାରୁ ସେମାନଙ୍କୁ ପିଛା କରିଥିଲା। ଦୀର୍ଘ ୧୦ କି.ମିରୁ ଉର୍ଦ୍ଧ୍ୱ ରାସ୍ତା ଗୋଡାଇବା ପରେ ପଥୁରୀ ପଞ୍ଚାୟତ ନିକଟରେ ସେମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ତଲାସୀ ବେଳେ ସେମାନଙ୍କ ନିକଟରୁ ଏକ ନକଲି ବନ୍ଧୁକ ଜବତ ହୋଇଛି। ସେମାନେ ବ୍ୟବହାର କରିଥିବା ହୋଣ୍ଡା ସାଇନ ବାଇକକୁ ମଧ୍ୟ ପୋଲିସ ଜବତ କରିଛି। ପୋଲିସ ୩ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଥିବା ବେଳେ ଥାନାରେ ଏକ ମାମଲା (ନଂ. ୧୨୫/୧୯)ରୁଜୁ ହୋଇଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଜିଲାସ୍ତରୀୟ ରଗ୍‌ବୀ ଫୁଟବଲ ପ୍ରତିଯୋଗିତା

ବାରିପଦା ଅଫିସ,୨୦।୧୦

ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ମାର୍ଗଦର୍ଶନରେ କୁଳିଅଣା ବ୍ଲକ ଅଧୀନ ଅସନଯୋଡା ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଜିଲାସ୍ତରୀୟ ରଗ୍‌ବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲିକ ଯୋଗଦେଇଥିଲେ। ସେହିପରି ସମ୍ମାନନୀୟ ଅତିଥି ଭାବେ ପିସିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ ଓ ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଦୀପକ ରାମ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ଜାତୀୟସ୍ତରର ରଗ୍‌ବୀ ରେଫରୀ ତଥା କୋଚ ଦିବ୍ୟରଞ୍ଜନ ଦାସ, ରଗ୍‌ବୀର ବରିଷ୍ଠ କ୍ରୀଡ଼ାବିତ କାଳୀଚରଣ ବିଶ୍ୱାଳ, ସମୀର ମଲିକ, ପ୍ରକାଶ ଚନ୍ଦ୍ର ସାଏ, ମୁନାରାମ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ପିଇଟି ପ୍ରତିମା ମହାନ୍ତ ସହଯୋଗ କରିଥିଲେ।

# ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର୍ସ ବୈଠକ

ବାରିପଦା ଅଫିସ,୨୦।୧୦

ମୟୂରଭଞ୍ଜ ଜିଲା ବାରିପଦା ଓ ଉଦଳା କ୍ଲଷ୍ଟରର ସମସ୍ତ ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର୍ସଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଶାଖା କନ୍‌ଫରେନ୍ସ ହଲରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର ଅସୋସିଏସନ ଓଡ଼ିଶା ୟୁନିଟର ସଭାପତି ସ୍ମୃତିରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ଉପସଭାପତି ଭବାନୀ ଶଙ୍କର ସାମଲ, ସଭାପତି (ଏଆଇବିଓସି) ମନୋରଞ୍ଜନ ଦାସ, ଉପ ସାଧାରଣ ସମ୍ପାଦକ ବଳରାମ ନାୟକ, ସହକାରୀ ସାଧାରଣ ସମ୍ପାଦକ ନିଶାକର ନାୟକ, କୋଷାଧ୍ୟକ୍ଷ ମନୋଜ ରାଉତ, ରଜନୀକାନ୍ତ ଦଳେଇ, ଶରତ ମିଶ୍ର, ଆଞ୍ଜୁଶ୍ରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସରକାରଙ୍କ ବ୍ୟାଙ୍କ ମ୍ୟାନେଜର ନୀତିଏବଂ ବିଭିନ୍ନ ଉନ୍ନତିମୂଳକ ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।




ବୈଠକରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀବୃନ୍ଦ।



ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଅସନଯୋଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଜିଲାସ୍ତରୀୟ ରଗ୍‌ବୀ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅତିଥି ବୃନ୍ଦ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ଘସିପୁରା,୨୦।୧୦(ଡି.ଏନ.ଏ.)-** ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଡୁମୁରିଡିହା ଗାଁରେ ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସେହି ଗାଁର ଅନାଥ ହାଁସଦାଙ୍କ ପୁଅ ଶୁକଲାଲ (୧୮)। ସେ ପୋଖରୀରେ ଗାଧୋଇବା ବେଳେ ଅସାବଧାନତା ଯୋଗୁ ବୁଡ଼ି ଯାଇଥିଲେ। ଖବରପାଇ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣି ଭିତରୁ ଯୁବକଜଣଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ପୋଲ ତଳୁ ଅଚେତ ଅବସ୍ଥାରେ ଯୁବତୀ ଉଦ୍ଧାର

**ଚମ୍ପୁଆ, ୨୦।୧୦(ଡି.ଏନ.ଏ.)-** ଚମ୍ପୁଆ ଥାନା ଅନ୍ତର୍ଗତ ଗମ୍ଭାରିଆ ପୋଲତଳୁ ଅଚେତ ଅବସ୍ଥାରେ ପଡିଥିବା ଯୁବତୀଙ୍କୁ ଚମ୍ପୁଆ ପୁଲିସ ଉଦ୍ଧାର କରିଥିବା ଜଣାପଡିଛି। ଉଦ୍ଧାର ପରେ ଯୁବତୀଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ବୋଲି ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ହସ୍ତିନାପୁର ଅଞ୍ଚଳର ଜଣେ ଝିଅ ମାମୁ ଘରକୁ ଯିବା ପାଇଁ ଶନିବାର ଘରୁ ବାହାରି ଥିଲେ। ଘରେ କେହି ନଥିବା ଅବସ୍ଥାରେ ପଡୋଶୀଙ୍କୁ ସୂଚନା ଦେଇ ସେ ମାମୁ ଘରକୁ ଯାଉଥିଲେ। ମାତ୍ର ରବିବାର ତାଙ୍କୁ ଅଚେତ ଅବସ୍ଥାରେ ଗମ୍ଭାରିଆ ପୋଲ ତଳେ ପଡିଥିବା ଦେଖି ଗ୍ରାମବାସୀ ତାଙ୍କ ବାପାଙ୍କୁ ଏ ବିଷୟରେ ସୂଚନା ଦେବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଅଚେତ ଅବସ୍ଥାରେ ପଡିଥିବାର ଦେଖି ଚମ୍ପୁଆ ଡାକ୍ତରଖାନା ଆଣିଥିଲେ। କିପରି ଓ କେଉଁ ପରିସ୍ଥିତିରେ ସେଠାକୁ ଗଲେ ତାହା ପୋଲିସ ଅନୁସନ୍ଧାନ ଚଲାଇଥିବା ବେଳେ ଚେତା ଆସିଲେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ପୋଲିସ କହିଛି।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଆନନ୍ଦପୁର,୨୦।୧୦(ସ୍ୱ.ପ୍ର.)-** ଘସିପୁରା ବ୍ଲକ ଦେଓଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୧୯ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଣାପାଣି କଳାନିକେତନ ଶାଳପଡାର ନୃତ୍ୟଗୁରୁ ଜିତୁ ଦାଶ ଅତିଥି ଭାବେ ଉପସ୍ଥିତ ରହି ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସିଆରସିସି ଅନାମ ଚରଣ ମାଝୀ, ଶିକ୍ଷକ ଜ୍ୟୋର୍ତିମୟୀ ପତି, ବସନ୍ତ କୁମାର ସାହୁ, ଦୟାନିଧି ସାହୁ, ନିରୁପମା ବେହେରା, ବସନ୍ତ ମଞ୍ଜରୀ ମିଶ୍ର, ଜୟଶ୍ରୀ ରାଉତ, ସ୍ନେହଲତା ପଣ୍ଡା, ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ସହ ଯୋଗ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ବିଦ୍ୟାଳୟରେ ମାତୃ ସମ୍ମିଳନୀ

**ହାଟଡିହୀ, ୨୦।୧୦(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ହାଟଡିହୀର ବାଟିକା ବିଭାଗର ମାତୃ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସଭାପତି ତୁଳସୀ ଗୋଲାମ ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାରୀ କବି ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନରାୟଣ କର ମାଆ ମାନଙ୍କ ଦାୟିତ୍ୱ ସଂପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ମା' ମାନେ ଶିଶୁମନ୍ଦିରରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ନିଜନିଜର ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମନ୍ଦିରର ସମ୍ପାଦକ ବିଜୟ କୁମାର ଜେନା, କୋଷାଧକ୍ଷ ରବୀନ୍ଦ୍ର ସ୍ୱାଇଁ ମଞ୍ଚାସୀନ ଥିଲେ। ଗୁରୁମା,ଗୁରୁଜୀ ଓ ସେବିକା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ

**କେନ୍ଦୁଝର, ୨୦।୧୦ (ସ୍ୱ.ପ୍ର.)**

- ବିକ୍ରି କରିବାକୁ ନାହିଁ ବଜାର ସୁବିଧା
- ପରିବା ଚାଷ ହିଁ ଜୀବନଜୀବିକା
- ପରିଶ୍ରମ କଲେ ବି ଲାଭ ନାହିଁ


ଆମ୍ବଡହରା ଚାଷୀ ଜମିରେ ଅମଳ କରିଥିବା ବିଲାତି କେନ୍ଦୁଝର ସହରରେ ବିକୁଛନ୍ତି।

ସରକାର କୃଷି ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ କେନ୍ଦୁଝର ଜିଲାରେ ଚାଷୀମାନେ ସେଭଳି ସୁବିଧା ପାଇପାରୁନାହାନ୍ତି। ଅନିୟମତତା ବର୍ଷା ସାଙ୍ଗକୁ ଜଳସେଚନର ସୁବିଧା ଓ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ବହୁ ଚାଷୀ ଚାଷ କାର୍ଯ୍ୟଛାଡି ଜଙ୍ଗଲ କାଟି କାଠପତ୍ର ବିକି ବା ଦାଦନ ଖଟିବାକୁ ପଳାଉଛନ୍ତି । କେତେକ କାମଧନ୍ଦା ନ ପାଇ ବେକାର ହୋଇ ବସିରହୁଛନ୍ତି ।

ବିଶେଷ କରି ଆଦିବାସୀମାନଙ୍କ ମଧ୍ୟରେ କୃଷି ପ୍ରତି ଆଗ୍ରହ ବଢୁଥିଲେ ହେଁ ସେମାନଙ୍କୁ ଆଉ ଅଧିକ ପ୍ରୋତ୍ସାହନ ମିଳିଲେ ଅଧିକ ଉପକୃତ ହୋଇ ପାରନ୍ତେ ବୋଲି ମତପ୍ରକାଶ ପାଉଛି। ଏଭଳି ସଦର ବ୍ଲକ ଅନ୍ତର୍ଗତ ଆମ୍ବଡହରା ଗ୍ରାମରେ ଆଦିବାସୀମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ ହେଁ ଉପଯୁକ୍ତ ସୁବିଧା ଓ ସହାୟତା ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏହି ଗ୍ରାମରେ ପାଖାପାଖି ୫୦ ଆଦିବାସୀ ପରିବାର ରହୁଛନ୍ତି । ସମସ୍ତେ ଚାଷ ଉପରେ ନିର୍ଭରଶୀଳ। ତେବେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ନିର୍ଭରଶୀଳ । ବର୍ଷା ପାଣିରେ ବିଲାତି, କୋବି, ଝୁଡଙ୍ଗ ଆଦି ପନିପରିବା ଚାଷ କରିଥାନ୍ତି ଏବଂ କେନ୍ଦୁଝର ସହରକୁ ଆଣି ବିକିଥାନ୍ତି।

ଏବେ ୨୫ କିଲୋ ବିଲାତି (ଟ୍ରେ ପ୍ରତି)ର ମୂଲ୍ୟ ୯୦୦ ଟଙ୍କାରେ ବିକିବାକୁ ଚାହୁଁଥିଲେ ହେଁ ବେପାରୀମାନେ କମ ଦାମରେ କିଣି ନେଉଛନ୍ତି। ବଜାର ବ୍ୟବସ୍ଥା ନ ଥିବାରୁ ସେମାନେ କେନ୍ଦୁଝର ସହର ଆସି କମ୍ ଦାମ୍‌ରେ ବିକିବାକୁ ବାଧ ହେଉଛନ୍ତି ବୋଲି ହରିହର ଦେହୁରୀ କହିଛନ୍ତି। ଗ୍ରାମରୁ କେନ୍ଦୁଝର ସହରକୁ ଧୂପଦା ଓ ଅଞ୍ଜର ବାଟ ଦେଇଆସିଥାନ୍ତି । ଚାଷ କରି ବର୍ଷକୁ ୫୦ ହଜାର ଟଙ୍କା ଉପାର୍ଜନ କରିଥାଉ। କିନ୍ତୁ ପରିଶ୍ରମ ଅପେକ୍ଷା ସେଭଳି ଲାଭ ମିଳୁନାହିଁ ବୋଲି ପୀତାମ୍ବର ଦେହୁରୀ କହିଛନ୍ତି। କୃଷି ବିଭାଗ ସହାୟତା ଦେଉନାହାନ୍ତି। ମାଗଣାରେ ମଞ୍ଜି ମିଳୁଥିଲା । ମାତ୍ର ୫୦ ପରିବାରରୁ ୬/୭ ଜଣ ଚାଷୀଙ୍କୁ ମଞ୍ଜି ମିଳିଛି । ସୁବିଧା ନ ଥିବାରୁ ବାହାରକୁ ପଠାଇପାରୁନାହୁଁ। ଜଳସେଚନ ବ୍ୟବସ୍ଥା ନାହିଁ। ପ୍ରତ୍ୟେକ ପରିବାର ଏକ ଏକରରୁ ଅଧିକ ଜମିରେ ଏହି ଚାଷ କରନ୍ତି। ଜଳସେଚନ ସୁବିଧା ମିଳିଲେ ଖରାଟିଆ ପନିପରିବା, ଅର୍ଥ ଆମଦାନୀକାରୀ ଫସଲ ଚାଷ କରି ଭଲରେ ଚଳିପାରନ୍ତୁ ବୋଲି ସେମାନେ କହିଛନ୍ତି। ପ୍ରୋତ୍ସାହନ ମିଳିଲେ ସମସ୍ତେ ଭଲ ଭାବରେ ଚାଷ କରିପାରନ୍ତେ ପାରନ୍ତେ ବୋଲି ପରିବେଶବିତମାନେ ମତବ୍ୟକ୍ତ କରୁଛନ୍ତି।

## ସଦର ଅଞ୍ଚଳରେ ବଢୁଛି ହାତୀ ଆତଙ୍କ

**ରାଇସୁଆଁ, ୨୦।୧୦ (ଡି.ଏନ.ଏ.)**


ଗାଁ ମୁହାଁ ହାତୀ।

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ମାତ୍ରାଧିକ ଜଙ୍ଗଲ କ୍ଷୟ ଏବଂ କଳକାରଖାନା ବୃଦ୍ଧି ଯୋଗୁ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତି ମୁହାଁ ହେବାରେ ଲାଗିଛନ୍ତି। ଫଳରେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ହାତୀ ପଲ ପଶି ଆତଙ୍କ ସୃଷ୍ଟି କରିବା ସହ ଧାନ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ବହୁ ଲୋକ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ୧୦ ଦିନ ହେଲା ୧୮ରୁ ଊର୍ଦ୍ଧ୍ୱ ହାତୀ ପଲ ସଦର ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ବେଳେ ବନବିଭାଗ ନିଘୋଡ ନିଦରେ ଶୋଇରହୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗତ ରାତିରେ ପୋଟଳ ଜଙ୍ଗଲରୁ ବାହାରି ରାତିରେ ଖପରାଖାଇ ନିକଟକୁ ଆସିଥିବା ହାତୀ ଶହଶହ ଏକର ପାଚିଲା ଧାନ ଫସଲ ଖାଇ ନଷ୍ଟ କରିବା ସହିତ ସଦର ଥାନା ଅନ୍ତର୍ଗତ ନୂଆଡିହି ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ମହିଳା ଜଣଙ୍କ ଗୁରୁତର ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଥିବା ସୂଚନା ମିଳିଛି। ବହୁ ସ୍ଥାନରେ ରାତି ହେଲେ ଲୋକ ମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏଥିପ୍ରତି ବନବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଯୋଡା ଲକ୍ଷ୍ମୀପୂଜା ମେଳାରେ ଜମୁଛି ଭିଡ଼

**ଯୋଡ଼ା, ୨୦।୧୦(ଡି.ଏନ.ଏ.)**

ଉତର ଓଡିଶାର ବୃହତ ମେଳା ଭାବେ କେନ୍ଦୁଝର ଜିଲାର ଯୋଡା ଲକ୍ଷ୍ମୀପୂଜା ବେଶ ପ୍ରସିଦ୍ଧି ଲାଭ କରିଛି । ଉପାନ୍ତ ଅଞ୍ଚଳ ଯୋଡା, ପଡୋଶୀ ରାଜ୍ୟ ଝାଡଖଣ୍ଡ ସମେତ, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲାରୁ ଅସଂଖ୍ୟ ଶ୍ରଦ୍ଧାଳୁ ଏହି ମେଳାକୁ ବୁଲିବାକୁ ଆସନ୍ତି। ୧୯୪୮ ମସିହାରୁ ଦୀର୍ଘ ୭୧ ବର୍ଷ ଧରି ଏହିପୂଜା ଓ ମେଳା ଅନୁଷ୍ଠିତ ହୋଇଆସୁଛି। ତେବେ ଗତ ୩ ବର୍ଷ ହେବ ୨୦୧୬ ମସିହାଠାରୁ ମା' ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇ ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କୁ ସ୍ଥାୟୀ ଭାବେ ପୂଜା କରାଯାଉଛି । ଚଳିତ ବର୍ଷ ଲକ୍ଷ୍ମୀ ପୂଜା ମେଳା ଅତି ଜାକଜମକରେ ଯୋଡାରେ ଆରମ୍ଭ ହୋଇଛି। ମୀନାବଜାର, ମନୋହରୀ ଦୋକାନ, ବାସନକୁସନ, ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରସିଦ୍ଧ ହ୍ୟାଣ୍ଡଲୁମ୍, ଆଚାର, ସୁସ୍ୱାଦୁ ଖାଦ୍ୟ, ମାଟିହାଣ୍ଡି ମଟନ ପ୍ରଭୃତି ଦୋକାନ ସମ୍ଭାର ସହିତ ମେଳାରେ ବିଭିନ୍ନ ଦୋଳି ଓ ମନ୍ଦିରର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ଖଣି ନିଲାମ ଓ ବିଭିନ୍ନ ଖଣି ବନ୍ଦ ହେତୁ ମେଳାରେ ମାନ୍ଦାବସ୍ଥାର ପ୍ରଭାବ ଦେଖିବାକୁ ମିଳିଛି। ସେହିପରି ରାତିବେଳେ ପରିବହନ ଟ୍ରକଗୁଡିକ ବହୁଳ ମାତ୍ରାରେ ରାସ୍ତାରେ ବିଶୃଙ୍ଖଳିତ ଭାବେ ଲୁହାପଥର ପରିବହନ କରୁଥିବାରୁ ଏବଂ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଡାର ଆଖପାଖ ଅଞ୍ଚଳରୁ ଲୋକେ ଆସିବା ପାଇଁ ଭୟ କରୁଛନ୍ତି। ଯୋଡା ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ଦୁଃଶାସନ ସାହୁ ଓ ସଂପାଦକ ନିଳମଣି ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ଏହି ମେଳା ୧୦ ଦିନ ଧରି ଚାଲିବ। ମେଳାରେ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଏବଂ ଯୋଡା ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ଚଳିତବର୍ଷ ବହୁ ସଂଖ୍ୟାରେ ଲୋକମାନେ ମେଳାକୁ ବୁଲିବାକୁ ଆସୁଛନ୍ତି ସତ କିନ୍ତୁ କମ୍ ଲୋକ ସାମଗ୍ରୀ କିଣୁଥିବା ସେମାନେ ପ୍ରକାଶ କରିଛନ୍ତି।

## ମଣ୍ଡଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତା

**ପାଟଣା,୨୦।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡାର ବିକାଶ ଆଉ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ପ୍ରତିବର୍ଷ କ୍ରୀଡା ପ୍ରତିଯୋଗିତା ଆୟୋଜିତ କରୁଛନ୍ତି। ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ପଲାଶିଘାଟି ଉଚ୍ଚ ବିଦ୍ୟାଳୟରେ ଏହି ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅତି ନିମ୍ନମାନର ଆୟୋଜନ କରାଇ ନେବା ନେଇ ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ୨୦୧ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୂଚନା ଅଭାବ ଓ ଶିକ୍ଷାବିଭାଗର ଖାମଖିଆଲି ନୀତି ଯୋଗୁଁ ନୈରାଶ୍ୟ ଜନକ ଭାବେ ଏହି କ୍ରୀଡା ପ୍ରତିଯୋଗିତାରେ ମାତ୍ର ୧୫୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ସକାଶେ ବ୍ଲକକୁ ୫୪ ହଜାର ଟଙ୍କା ମିଳିଥିବା ବେଳ ପ୍ରତିଯୋଗିତାକୁ ଯେନ ତେନ ପ୍ରକାରେଣ ସାରିଦିଆଯାଇଛି ବୋଲି ଅଭିଭାବକ ଆଲୋଚନା କରୁଛନ୍ତି। ଏସମ୍ପର୍କରେ ଜିଲା କ୍ରୀଡା ପରିଦର୍ଶକ ସର୍ଦ୍ଦାର ବାରିକଙ୍କୁ ପଚାରିବାରୁ ସେ ଜିଲା ଶିକ୍ଷାଅଧିକାରୀଙ୍କୁ ଅବଗତ କରାଇବା ସହ ସମ୍ପୃକ୍ତ ବିଇଓଙ୍କୁ ପଚାରିବେ ବୋଲି ସୂଚନା ଦେଇଛନ୍ତି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ପଲାଶିଘାଟି ଉଚ୍ଚ ବିଦ୍ୟାଳୟରେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଓମାତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନେତ୍ରମଣି ନାଏକ, ସମିତିସଭ୍ୟା ବୀଣାପାଣି ନାଏକ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଉପକାରିତା ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ ସଂଯୋଜନା କରିଥିଲେ।

## ଜଙ୍ଘିରାରେ ରାଜସ୍ୱ ଶୁଣାଣି ଶିବିର

**କେନ୍ଦୁଝର, ୨୦।୧୦(ଡି.ଏନ୍.ଏ.)**

ଜଙ୍ଘିରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହରିଚନ୍ଦନପୁର ତହସିଲଦାର ଇଂ ଶୁଭାଶିଷ ପାଲଟା ବିଭିନ୍ନ ରାଜସ୍ୱ ମାମଲାଗୁଡିକର ଶୁଣାଣି କରିଥିଲେ। ଏହି ଶିବିରରେ ୫୦ଟି ରାଜସ୍ୱ ମାମଲାର ସମାଧାନ ହୋଇଥିଲା। ଏହି ରାଜସ୍ୱ ଶିବିରରେ ବୁଢାଖମଣ ସରପଞ୍ଚ ମଧ୍ୟ ଉପସ୍ଥିତ ଥିଲେ। ଏହାବ୍ୟତୀତ ବୁଢାଖମଣର ସୁକାନ୍ତି ଜୁଆଙ୍ଗ ଓ ଧାନବେଣୀର ବିଜୟ ଭଲଗାୟାଁଙ୍କୁ ୪ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଇଥିଲା। ଏହି ଶିବିରକୁ ଜଙ୍ଘିରା ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ଓ ସହକାରୀ ରାଜସ୍ୱ ନିରୀକ୍ଷକ ଭାନୁପ୍ରିୟା ମହାନ୍ତ, ଖଗେଶ୍ୱର ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କିଛି ପରିବାରଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

## ବିଦାୟ ନେଲେ ଗଜଲକ୍ଷ୍ମୀ


ମା'ଙ୍କୁ ଭସାଣି ପାଇଁ ନିଆଯାଉଛି।

**ଢେଙ୍କିକୋଟ, ୨୦।୧୦(ଡି.ଏନ୍.ଏ.)**

ଗତ ପୂର୍ଣ୍ଣିମା ତିଥିରେ ମା' ଲକ୍ଷ୍ମୀଙ୍କୁ ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟି ପୂଜା ମଣ୍ଡପରେ ମହାଆଡ଼ମ୍ବରରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଥିଲା ତା'ର ଭସାଣି ଉତ୍ସବ। ଅପରାହ୍ନ ୩ଟାବେଳେ ପୂଜାମଣ୍ଡପର ମେଢ଼କୁ ଟ୍ରାକ୍ଟର ସାହାଯ୍ୟରେ ସାଜସଜ୍ଜା କରି ବାଜାବାଣ ରୋଶଣି କରି ବଜାର ସାହି ବସ୍ତି ପରିକ୍ରମା କରାଯାଇଥିଲା। ଠାଏ ଠାଏ ମା'ଙ୍କୁ ଭକ୍ତମାନେ ଧୂପ ଦୀପ ଦେଇ ବନ୍ଦାପନା କରି ବିଦାୟ ଜଣାଇଛନ୍ତି। କମିଟି ସମେତ ଦଳେଇ ସାହିର ନରୋତ୍ତମ ବେହେରା ମଣ୍ଡଳ ସାହିର ନବକିଶୋର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ରାଉତ ସୌମ୍ୟ ପ୍ରକାଶ ମଣ୍ଡଳ, ବଜାରସ୍ଥିତ ରଞ୍ଜନ କୁମାର ସାହୁ, ଶରତ ଚନ୍ଦ୍ର ପାଳ ପ୍ରମୁଖ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିମା ମେଢ଼ କରି ଧୂମ୍‌ଧାମ୍‌ରେ ପୂଜା କରିଥିଲେ। ସମସ୍ତ ମେଢ଼ ଭସାଣି ଉତ୍ସବରେ ସାମିଲ ହୋଇ ସନ୍ଧ୍ୟା ସାଢ଼େ ୬ଟା ବେଳେ ପବିତ୍ର ପୂର୍ଣ୍ୟତୋୟା ସୀତା ନଦୀରେ ଭସାଣି କରାଯାଇଛି। ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟିର ଉପଦେଷ୍ଟା ଶଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ କୁମାର ସାହୁ ପ୍ରମୁଖ ଶାନ୍ତି ଶୃଙ୍ଖଳା ରକ୍ଷା କରି ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିଛନ୍ତି।

## ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ

**କେନ୍ଦୁଝର, ୨୦।୧୦ (ସ୍ୱ.ପ୍ର./ଡି.ଏନ.ଏ.)**


ଲୋକ ଅଦାଲତରେ ଅଭିଯୋଗ ଶୁଣାଣି ଚାଲିଛି।

କେନ୍ଦୁଝର ଜିଲା ଆଇନ ସେବା ପ୍ରାଧୀକରଣ ଆନୁକୂଲ୍ୟରେ ରବିବାର ଜିଲା ଜଜ୍ କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡବିଲ ଆଦି କୋର୍ଟରେ ବିଭିନ୍ନ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଦାଲତରେ ୩୧୩୧ଟି ରାଜସ୍ୱ ମାମଲାରୁ ୧୪ ଲକ୍ଷ ୧ହଜାର ୭୩୪ ଟଙ୍କା,୧୫ଟି ଦେୱାନୀ ମାମଲାରୁ ୧ ଲକ୍ଷ ୨୧ ହଜାର ୫୧୪ ଟଙ୍କା ଆଦାୟ କରାଯିବା ସହ ୧୫ଟି ଫୌଜଦାରୀ ମାମଲା ଫଇସଲା କରାଯାଇଛି। ଏତଦ୍‌ବ୍ୟତୀତ ୧୭ଟି ଏମ୍‌ଏସିଟି ମାମଲାରୁ ୬୮ ଲକ୍ଷ ୮୫ ହଜାର, ୨ଟି ପାରିବାରିକ ଅପୋଷ ବୁଝାମଣା ଏବଂ ୨ ବାର୍ଦ୍ଧକ୍ୟ ଭତା, ଏହିପରି ମୋଟ ୩୧୮୨ଟି ମାମଲାର ଫଇସଲା କରାଯାଇ ୮୪ ଲକ୍ଷ ୨୪ ହଜାର ୨୪୮ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଦୌରାଜଜ୍ ବେଣୁଧର ପାତ୍ର ବିଚାର ଆରମ୍ଭ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଲୋକ ଅଦାଲତର ବିଚାରପତି ରାମନାଥ ପଣ୍ଡା, ପରିବାର ଅଦାଲତର ସୁଶ୍ରୀ ମିନତୀ କୁମାରୀ ପଣ୍ଡା, ଏଡିଜେ ଲୋକନାଥ ସାହୁ, ସିଜେଏମ୍ ଚିରଞ୍ଜନ ପାତ୍ର, ଆଇନସେବା ପ୍ରାଧୀକରଣ ସଚିବ ବନାଲି ତ୍ରିପାଠୀ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଚିନ୍ମୟୀ ରଥ, ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ, ଏସ୍‌ଡିଜେଏମ୍ ପବିତ୍ରାନନ୍ଦ ପ୍ରଧାନ ଏବଂ ବିଚାର ବିଭାଗୀୟ ଦ୍ୱିତୀୟ ଶ୍ରେଣୀ ବିଚାରପତି ଗିରିଜା ପ୍ରସାଦ ପଣ୍ଡା, ସିପ୍ରା ପ୍ରିୟଦର୍ଶିନୀ ସାହୁ ଓ ଐଶର୍ଯ୍ୟା କର ପ୍ରମୁଖ ନିଜ ନିଜ କୋର୍ଟ ପରିଚାଳନା କରିଥିଲେ।

## ସରିଲା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଆନନ୍ଦପୁର, ୨୦।୧୦(ସ୍ୱ.ପ୍ର)**

ଆନନ୍ଦପୁର ଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୩୫ ଗୋଟି ବିଦ୍ୟାଳୟରୁ ୨୪୭ ଜଣ କ୍ରୀଡା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲଙ୍ଗଜମ୍ପ, ହାଇଜମ୍ପ୍, ସଟପୁଟ୍, ଡିସକସ୍, ଜାଭଲିନ୍ ଓ କ୍ରିକେଟ୍ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ୧୪ବର୍ଷରୁ କମ ପ୍ରତିଯୋଗୀଙ୍କ ମଧ୍ୟରୁ ୫ଜଣ ଛାତ୍ରୀ ଓ ୫ ଛାତ୍ରଙ୍କୁ ଚୟନ କରାଯାଇଥିବା ବେଳେ ୧୭ ବର୍ଷରୁ କମବୟସ ପ୍ରତିଯୋଗୀମାନଙ୍କ ମଧ୍ୟରୁ ୭ଛାତ୍ରୀ ଓ ୭ଛାତ୍ରଙ୍କୁ ଚୟନ କରାଯାଇଛି। ଏଥିସହିତ କ୍ରିକେଟରୁ ୧୫ଜଣ ଛାତ୍ରଙ୍କ ଟିମ୍ ଚୟନ କରାଯାଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଆନନ୍ଦପୁର ବିଡିଓ ଶୁଭ୍ରବାଳା ବେହେରା,ବ୍ଲକ ଶିକ୍ଷାଅଧିକାରୀ ଶରତଚନ୍ଦ୍ର ରାଉତ, ଓଷ୍ଟା କେନ୍ଦୁଝର ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ର, ଜିଲା ଓଷ୍ଟା ପୂର୍ବତନ ସମ୍ପାଦକ ଚିନ୍ତାମଣୀ ଜେନା, ପ୍ରଦ୍ୟୁମ୍ନ ନାୟକ, ଉମାକାନ୍ତ ଓଝା ଓ ଜୟଦେବ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରୀଙ୍କ ନିମନ୍ତେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ।

## ୪ ପ୍ରକଳ୍ପର ଉଦ୍‌ଘାଟନ

**ଆନନ୍ଦପୁର, ୨୦।୧୦(ସ୍ୱ.ପ୍ର.)**

ଘସିପୁରା ନିର୍ବାଚନମଣ୍ଡଳୀର ବୁଢିକୁଦ ପଞ୍ଚାୟତରେ ରବିବାର ଅନୁଷ୍ଠିତ ହୋଇଥିବା ଜନସମ୍ପର୍କ ପଦଯାତ୍ରା ଅବସରରେ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଦ୍ୱାରା ୪ ଗୋଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ବିଧାୟକ ପାତ୍ର ପଞ୍ଚାୟତର ସନ୍ତୋଷପୁର, ଟଭାକୁଦ୍, ବୁଢିକୁଦ ଆଦି ଅଞ୍ଚଳ ସହିତ ବିଭିନ୍ନ ଗ୍ରାମକୁ ପଦଯାତ୍ରା କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସଚେତନ କରାଇବା ପରେ ଆୟୋଜିତ ଏକ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଅଧକ୍ଷା ମମତା ନାଇକ, ସ୍ଥାନୀୟ ସରପଞ୍ଚ ଗୋଲାପ ନାଇକ ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ଲୋକମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଜନସମ୍ପର୍କ ପଦଯାତ୍ରା

**ହାଟଡିହୀ, ୨୦।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୩୬ନଂ ଜୋନ ଶିବନାରାୟଣପୁର ଠାରୁ ବଞ୍ଚୋ ଯାଏ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଞ୍ଚୋ ସରପଞ୍ଚ ପୁହାଣଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଯୋଗଦେଇଥିଲେ। ଏହି ଅବସରରେ ହଜାର ହଜାର ପୁରୁଷ ଓ ମହିଳା ସମର୍ଥକଙ୍କ ସହ ଶିବନାରାୟଣପୁରଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ବଞ୍ଚୋ ଯାଏ ଏକ ବିଶାଳ ପଦଯାତ୍ରା କରିଥିଲେ। ବଞ୍ଚୋଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ, ଏମ୍‌ପି, ଦଳର ସୁପ୍ରିମୋ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ଚମ୍ପାବତୀ ପୁହାଣ, ଏମ୍‌ପି ପ୍ରତିନିଧି ଶାନ୍ତନୁ ସେଠୀ, ବୁଦ୍ଧଦେବ ଜେନା, ଶଶାଙ୍କ ଶେଖର ପୁହାଣ, ସାବିତ୍ରୀ ସେଠୀ, ରବୀନ୍ଦ୍ର ନାୟକ, ବୈଦ୍ୟନାଥ ସାମଲ, ପୂର୍ବତନ ଏମ୍‌ପି ପ୍ରତିନିଧି ରତିକାନ୍ତି ରାଉତ, ସୁଧାକର ଓଝା, କଳ୍ପତରୁ ସେଠୀ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଚିନୁ ନାୟକ, ବିଜୟ ମଲ୍ଲିକ, ତ୍ରିଲୋଚନ ସା, ଯୁବନେତା ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ପଦଯାତ୍ରାରେ କର୍ମୀମାନେ ଯାଉଛନ୍ତି।



ପଦଯାତ୍ରାରେ ଚନ୍ଦ୍ରାଣୀଙ୍କ ସହ ଅନ୍ୟ କର୍ମୀମାନେ ।

**ପାଟଣା,(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁରୁମୁଙ୍ଗା ପଞ୍ଚାୟତ ଡୁରୁମୁଙ୍ଗା ସନ୍ନିକଟ ନିହୁଆ ପଡ଼ିଆରୁ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଡୁରୁମୁଙ୍ଗା ନିହୁଆ ପଡିଆରେ ଆୟୋଜିତ ସଭା କେନ୍ଦେଇପଶି ସମିତିସଭ୍ୟ ମିତ୍ରଭାନୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ, ଯୁବନେତା ପ୍ରଶାନ୍ତ ଭଞ୍ଜ, ସଞ୍ଜିତ ଚକ୍ର, ସାହାରପଡା ବ୍ଲକ ଉପାଧ୍ୟକ୍ଷା କିରଣ ବାଳା ସିଂ, ଜିଲା ପରିଷଦ ସଭ୍ୟ ସୁରେଶ ନାଏକ, ପ୍ରମୁଖ ଯୋଗଦେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପାଟଣାବ୍ଲକର ରାଜନଗର, ମୁରୁସୁଆଁ, କେନ୍ଦେଇପଶି, ଟାଙ୍ଗରପଡା, ବଡ଼ପାଟଣା ଓ ଏରେଣ୍ଡେଇ ଆଦି ପଞ୍ଚାୟତକୁ ପଦଯାତ୍ରାରେ ପରିକ୍ରମା କରିବା ସହ ନୂତନ ସଭ୍ୟ ସଂଗ୍ରହ କରାଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ: ୨ ଗିରଫ

**ବନ୍ତ, ୨୦।୧୦ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଆଗରପଡ଼ା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ଆହ୍ଲାଦ ମୁଦୁଲି ଓ ସୁରେନ୍ଦ୍ର ମୁଦୁଲି। ପୋଲିସ ସୂଚନା ଅନୁସାରେ, ଉକ୍ତ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ କାର୍ଯ୍ୟରତ ରହୁଥିବାର ସୁଯୋଗ ନେଇ ଆହ୍ଲାଦ ତାଙ୍କୁ ଏକାଧିକବାର ବଳାତ୍କାର କରିବା ପରେ ସୁରେନ୍ଦ୍ରଙ୍କ ସହ ଅନୈତିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଏ ନେଇ ପୀଡ଼ିତା ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୧୨୯/୧୯) ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଶନିବାର ରାତିରେ ସେମାନଙ୍କ ଘରୁ ଗିରଫ କରାଯାଇଛି।

### ବିଦ୍ୟାଳୟରେ ଅନୁପସ୍ଥିତ ଯୋଗୁ ଶିକ୍ଷକ ନିଲମ୍ବିତ

**ଭଦ୍ରକ ଅଫିସ, ୨୦।୧୦ :** ଭଦ୍ରକ ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଶିକ୍ଷା ସର୍କଲର ବିଭିନ୍ନ ସ୍କୁଲ ଗସ୍ତ ଅବସରରେ ଜଣେ ଶିକ୍ଷକଙ୍କୁ ନିଲମ୍ବନ କରିବା ସହ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଚେତାବନୀ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଇପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ବାରମ୍ବାର ସ୍କୁଲରେ ଅନୁପସ୍ଥିତ ରହୁଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି। ଖଦାଳପୋଖରୀ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧାହ୍ନ ଭୋଜନ ଚାଉଳ ହେର୍‌ଫେର୍ ହୋଇଥିବା ଯୋଗୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜିଲା ଶିକ୍ଷାଧିକାରୀ ଚେତାବନୀ ଦେଇଛନ୍ତି। ମଧାହ୍ନ ଭୋଜନ ଚାଉଳ ଷ୍ଟକ୍ ମୁତାବକ ୯ କୁଇଣ୍ଟାଲ ନିଅଣ୍ଟ ଥିବା ଜିଲା ଶିକ୍ଷାଧିକାରୀ ଜାଣିପାରିଥିଲେ। ଉକ୍ତ ଚାଉଳ ଫନୀରେ ନଷ୍ଟ ହୋଇଯାଇଥିବା ପ୍ରଧାନଶିକ୍ଷୟିତ୍ରୀ ଜଣାଇଥିଲେ ମଧ ଏହା ତଥ୍ୟଭିତ୍ତିକ ହୋଇ ନ ଥିବାରୁ ସେ ତାଗିଦ୍ କରିଥିଲେ। ସେହିଭଳି ଏହି ଗସ୍ତ ସମୟରେ ଜିଲା ଶିକ୍ଷାଧିକାରୀ ବିଭିନ୍ନ ସ୍କୁଲରେ ପହଞ୍ଚି ଖାତାପତ୍ର ଯାଞ୍ଚ କରିଥିଲେ।

### ଓମବାର୍ଡସି ଅର୍ଥ ସଦୁପଯୋଗ ନେଇ ସ୍ମାରକପତ୍ର

**କେନ୍ଦୁଝର, ୨୦।୧୦ (ସ୍ୱ.ପ୍ର.):** ଖଣି ଅଞ୍ଚଳର ବିକାଶ ପାଇଁ ଗଠନ କରାଯାଇଥିବା କେନ୍ଦ୍ର ସରକାରଙ୍କ ଓଡିଶା ମିନେରାଲ ବିଏରିଂ ଏରିଆସ୍ ଡେଭେଲପମେଣ୍ଟ କର୍ପୋରେସନ (ଓଏମବିଏଡିସି) ପାଣ୍ଠିର ସଦୁପଯୋଗ ହେଉନାହିଁ । ଏନେଇ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟପାଳ ପ୍ରଫେଶର ଗଣେଶୀ ଲାଲଙ୍କୁ ଶନିବାର କେନ୍ଦୁଝର ଜିଲା ଗସ୍ତ ବେଳେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ବିକାଶରେ ଅର୍ଥ ସୁବିନିଯୋଗ କରି ଖଣିଖାଦାନ ଦ୍ୱାରା ହୋଇଥିବା ଅଞ୍ଚଳ ଓ ଅଧିବାସୀଙ୍କ କ୍ଷୟକ୍ଷତି ଭରଣା କରିବାକୁ ସେମାନେ ନିବେଦନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏହି ଓଏମବାର୍ଡସିକୁ ୨୦୧୪ ମସିହାରେ ଅନୁମୋଦନ କରିଛନ୍ତି। ଆଦିବାସୀ ଅଞ୍ଚଳ ଓ ଆଦିବାସୀଙ୍କ ବିକାଶ ପାଇଁ ୮ ଟି ବିଷୟ ଉପରେ ଗୁରୁତ୍ୱରୋପ କରାଯାଇଛି । କିନ୍ତୁ ଏହି ଅର୍ଥକୁ ଆବାସ ନିର୍ମାଣ ବା ବନୀକରଣ କାର୍ଯ୍ୟରେ ଖର୍ଚ୍ଚ କରାଯାଉଥିବାରୁ ମଞ୍ଚ ଉଦବେଗ ପ୍ରକାଶ କରିଛନ୍ତି । ଆବାସ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବନୀ କରଣ ପାଇଁ କାମ୍ପା ଫଣ୍ଡ ରହିଛି । ଏଣୁ ଏହି ଅର୍ଥରେ ଆବାସ ଯୋଜନା ଓ ବନୀକରଣ କାର୍ଯ୍ୟରେ ଖର୍ଚ୍ଚ କରାଯାଉଥିବାରୁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।, ନାଗରିକ ମଞ୍ଚ ସଭାପତି କିରଣ ଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ଦଳ ରାଜ୍ୟପାଳଙ୍କୁ ଭେଟି ସ୍ମାରକ ପତ୍ର ଦେବା ସହ ଆଲୋଚନା କରିଛନ୍ତି ।

# ଆବାସ ଯୋଜନା ସାତସପନ

**କୁଆମରା, ୨୦।୧୦(ଡି.ଏନ୍.ଏ.)**


ଦିବ୍ୟାଙ୍ଗ ହାଡ଼ିବନ୍ଧୁ ସିଂ।

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ପଞ୍ଚାୟତର ଆଦିବାସୀ ଅଧୁଷିତ କାଳିଆପଦା ଗାଁରେ ଭିନ୍ନକ୍ଷମ ହାଡିବନ୍ଧୁ ସିଂ(୭୦) ଏକ ଭଙ୍ଗା ଚାଳିଆରେ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ଆଖିକୁ ଦେଖାଯାଉ ନ ଥିବାରୁ ତାଙ୍କୁ ବାଟ ଦେଖାଇବା ପାଇଁ କେହି ସାହା ଭରସା ନ ଥିବାରୁ ଆଶାବାଡିକୁ ଆଶ୍ରା କରି ଚଳୁଛନ୍ତି। ସରକାରୀ ସାହାଯ୍ୟ ଭାବେ ମାସିକ ୫କିଗ୍ରା ଚାଉଳ ଓ ଭତ୍ତା ୫ଶହ ଟଙ୍କା ଭରସା ପାଲଟିଛି। ସେତକ ସରିଗଲେ ଭୋକ ଉପାସରେ ରହିବାକୁ ପଡୁଛି। ସେ ଆଗରୁ ଝାଟିମାଟିରେ ଏକ ଘର କରି ମୁଣ୍ଡଗୁଞ୍ଜି ରହୁଥିଲେ। ତିତ୍‌ଲି ବାତ୍ୟାରେ ତାହା ଭୁଶୁଡି ପଡିବା ପରେ ସେ ଆଉ ଘର କରିବାକୁ ସକ୍ଷମ ହୋଇ ପାରି ନାହାଁନ୍ତି। ବର୍ଷା ହେଲେ ଭଙ୍ଗା କୁଡିଆରେ ରହି ନ ପାରି ପର ଓଳିରେ ଏବେ ରାତି ବିତାଉଛନ୍ତି। ଗରିବ ଲୋକଙ୍କ ଲାଗି ସରକାର କରୁଥିବା ଆବାସ ଯୋଜନା ତାଙ୍କ ଲାଗି ସାତସପନ ପାଲଟିଛି।

ହାଡିବନ୍ଧୁ କହିଛନ୍ତି, ୩ବର୍ଷ ତଳେ ତାଙ୍କ ସ୍ତ୍ରୀ ଘରଛାଡି ଚାଲିଯିବା ପରଠାରୁ ସେ ଅଧିକ ଅସହାୟ ହୋଇପଡିଛନ୍ତି। ତାଙ୍କ ଭାଇ ରୁହିଆ ୨୦ ବର୍ଷ ତଳେ ଆରପାରିକୁ ଚାଲିଯିବା ପରେ ସେ ତାଙ୍କ ପୁତୁରାଙ୍କ ଦେଖାଶୁଣା କରୁଥିଲେ। ପରେ ସେ ଭିନ୍ନକ୍ଷମ ହୋଇଯିବାରୁ ଆଉ ସହାୟତା କରି ପାରି ନ ଥିଲେ। ତାଙ୍କ ପୁତୁରା ପରେ ବିବାହ କରି ଅଲଗା ଚଳୁଥିଲେ। ୨ବର୍ଷ ପରେ ତାଙ୍କ ସ୍ତ୍ରୀଙ୍କର ବିୟୋଗ ଘଟିବାରୁ ସେ ମଧ ଏକୁଟିଆ ହୋଇ ଯାଇଛନ୍ତି। ପୂର୍ବରୁ କକା ପୁତୁରାଙ୍କ ନାମରେ ସ୍ୱଚ୍ଛ ଭାରତ ଯୋଜନାରେ ୨ଟି ପାଇଖାନା ମିଳିଥିଲା। ସେଥିରୁ ଗୋଟିଏରେ ସେ ରୋଷେଇ କରୁଥିବା ବେଳେ ଅନ୍ୟ ଘରେ ତାଙ୍କ ପୁତୁରା ଆସବାବ ସାମଗ୍ରୀ ରଖି ରହୁଛନ୍ତି। ଏହି ଅସହାୟ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ସକାଶେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସରକାରୀ ଆବାସ ଯୋଜନା କାହା ପାଇଁ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମମତା ରଣା ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣାଙ୍କୁ ପଚାରିବାରୁ ସେମାନେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବା ସକାଶେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ଅସହାୟ କକା ପୁତୁରାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହ ବାସଗୃହ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ୱାଗତ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ


ସ୍ୱାଗତ ମିଶ୍ରଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପୁରସ୍କୃତ କରୁଛନ୍ତି।

**କେନ୍ଦୁଝର, ୨୦।୧୦(ଡି.ଏନ୍.ଏ.)**

ଗତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦୁଝର ନଈଗାଁ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୯୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ସ୍ୱାଗତ ମିଶ୍ରଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କୃତ କରିଛନ୍ତି। ସ୍ୱାଗତଙ୍କ ବାପା ଆଲୋକ ମିଶ୍ର ଓ ମା' ଅନ୍ନପୂର୍ଣ୍ଣା ମିଶ୍ର କେନ୍ଦୁଝର ସହରସ୍ଥ ସାନ୍ତରାପୁରର ବାସିନ୍ଦା ଅଟନ୍ତି। ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅନୁଷ୍ଠାନର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା ଓ ଅଧ୍ୟକ୍ଷ ଦିବ୍ୟକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଡାରେ ପହଞ୍ଚିଲେ ସତ୍ୟବ୍ରତ

**ଯୋଡ଼ା, ୨୦।୧୦ (ଡି.ଏନ.ଏ.)**



ସତ୍ୟବ୍ରତ ଦାସ

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ନେଇ ପଦଯାତ୍ରା ଆରମ୍ଭ କରିଥିବା ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଭଗବାନସିଂହ ଗ୍ରାମର ସତ୍ୟବ୍ରତ ଦାସ ରବିବାର କେନ୍ଦୁଝର ଜିଲା ଯୋଡାଠାରେ ପହଞ୍ଚିଛନ୍ତି। ଯୋଡାରେ ବୁଦ୍ଧିଜୀବୀ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସତ୍ୟବ୍ରତ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଜଳ ସମସ୍ୟା ଓ ପୋଲାଭରମ ପ୍ରକଳ୍ପ ବିବାଦରେ ଓଡିଶାକୁ ନ୍ୟାର୍ଯ୍ୟ ଦାବି ମିଳିବା ଲକ୍ଷ୍ୟରେ ସେ ୨୦୧୯ ମସିହା ଜୁଲାଇ ୧୦ ତାରିଖରୁ ଓଡିଶାର ୩୧୪ ବ୍ଲକକୁ ପରିକ୍ରମା ଉଦ୍ଦେଶ୍ୟରେ ପଦଯାତ୍ରା ଆରମ୍ଭ କରିଛନ୍ତି। ସେ ଯୋଡା ବିଡିଓ ଦାୟିତ୍ୱରେ ଥିବା ବଡବିଲ ତହସିଲଦାରଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ରବିବାର ସୂଚନା ଦେଇଛନ୍ତି।

# ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ

**ବନ୍ତ, ୨୦।୧୦ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ରୁ ଯେପରି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଛି, ସେହିପରି ଭଗବାନ ସତ୍ୟସାଇ ବାବା ପୂର୍ବରୁ ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ କରିବାକୁ ଘୋଷଣା କରିଥିଲେ ବୋଲି ସମିତିର ଆବାହକ ଚିନ୍ତାମଣି ବେହେରା କହିଥିଲେ। ସମିତି ଆନୁକୂଲ୍ୟରେ ମହାନ୍ତିପଡା ଆଶାମଣି ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ର ଓ ଶିକ୍ଷକ, ସମିତିର ସଦସ୍ୟ ଆଗରପଡ଼ା ବଜାରର ତାରିଣୀ ଛକଠାରୁ କଲେଜ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ପାର୍ଶ୍ୱକୁ ସଫେଇ କରି ସମାଜକୁ ସ୍ୱଚ୍ଛତା ବାର୍ତ୍ତା ଦେଇଛନ୍ତି। ସମିତିର ଅରୁଣ ସାହୁ, କୃଷ୍ଣ ପାତ୍ର, ହରେକୃଷ୍ଣ ସାହୁ, ରବୀନ୍ଦ୍ର ସିଂହ, ସନାତନ ସାହୁ, ବୈଦ୍ୟନାଥ ଦାଶ, ଅଶୋକ ପରିଡା, ଗରିବ ସାହୁ, ସୁଶୀଳା ଦାସ, ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାନ୍ତି ଓ ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଗାନ୍ଧୀ ସଂକଳ୍ପ ଯାତ୍ରା

**ଭଣ୍ଡାରିପୋଖରୀ, ୨୦।୧୦(ଡି.ଏନ.ଏ.)**


ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀ।

ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲାକୁ ଗାନ୍ଧିଜୀଙ୍କ ପ୍ରବେଶପଥ ଯାଜପୁର ସନ୍ନିକଟ କୋରକୋରା(ବଳିଘାଇ)ଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ଶତାଧିକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ମାଲ୍ୟାର୍ପଣ କରି ରାମଧ୍ୱନ ଗାନ କରିଥିଲେ। ଏହାପରେ ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ସ୍ଥାନୀୟ ଯୁବକ ପଦଯାତ୍ରାରେ ସାମିଲ ହୋଇ କୋରକୋରା, କୁମ୍ଭାରିଆ ଗ୍ରାମ ପରିକ୍ରମା କରି ଗାନ୍ଧିଜୀଙ୍କ ରାତ୍ରିଆଶ୍ରୟସ୍ଥଳୀ ମଞ୍ଜୁରୀ ଗ୍ରାମରେ ପହଞ୍ଚିଥିଲେ।

ପରେ ଜିଲା ସଭାପତି ଧଳଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ମହାନ୍ତି ଏହାକୁ ଉଦ୍‌ଘାଟନ କରି ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିସହ ଗାନ୍ଧିଜୀଙ୍କ ଜୀବନ ଦର୍ଶନକୁ ସର୍ବବ୍ୟାପୀ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଭାଜପା ନେତା ଅଭିମନ୍ୟୁ ସେଠୀ, ଜଗବନ୍ଧୁ ଦାସ, ସତ୍ୟବ୍ରତ ଦାସ, ଶରତ ପଡିଆରୀ, ସମିତିସଭ୍ୟା ସସ୍ମିତା ବେହେରା, ବ୍ୟଙ୍ଗକବି ଗୋଲକ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ କାର୍ଯ୍ୟକର୍ତ୍ତା ନରନାରାୟଣ ପରିଡ଼ା, ପ୍ରକାଶ ମହାପାତ୍ର, ବିଶ୍ୱନାଥ ମହାନ୍ତି, ପ୍ରଦ୍ୟୁମ୍ନ ସେନାପତି, ପ୍ରହ୍ଲାଦ ସାହୁ, ବିଶ୍ୱନାଥ ତ୍ରିପାଠୀ, ରତ୍ନାକର ରାଉତ, ଲାଲମୋହନ ବାରିକ, ରବିନାରାୟଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ମଣ୍ଡଳ ସଭାପତି ମୁକୁନ୍ଦ ଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବାସୁଦେବପୁରରେ କଂଗ୍ରେସର ସମୀକ୍ଷା ବୈଠକ


ବୈଠକରେ କଂଗ୍ରେସ ପର୍ଯ୍ୟବେକ୍ଷକ ଉମାବଲ୍ଲଭ ରଥ ମତ ରଖୁଛନ୍ତି।

**ବାସୁଦେବପୁର, ୨୦।୧୦(ଡି.ଏନ.ଏ.):** ବାସୁଦେବପୁରର ସ୍ନେହା ରେସିଡେନ୍ସି ପରିସରରେ ରବିବାର କଂଗ୍ରେସ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସିସିର ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ଉମାବଲ୍ଲଭ ରଥ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମ ଓ ନିର୍ବାଚନ ପରାଜୟର କାରଣ ବାବଦରେ ସମୀକ୍ଷା କରିଥିଲେ। ଦଳୀୟ କର୍ମୀ ଓ ସମର୍ଥକମାନେ ନିରାଶ ନ ହୋଇ ଉତ୍ସାହର ସହିତ ସଙ୍ଗଠନ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନମଣ୍ଡଳୀ ସ୍ତରୀୟ ଏହି ସମୀକ୍ଷା କରାଯାଉଛି ବୋଲି ସେ କହିଥିଲେ। ଆଗକୁ ପୌର ନିର୍ବାଚନ, ସମବାୟ ସମିତି ଓ ପାଣି ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ଏ ଦିଗରେ ସଫଳତା ପାଇଁ କର୍ମୀମାନେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କଂଗ୍ରେସର ଜିଲା ସଭାପତି ଅଶୋକ ଦାସ ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ମଧୁସୂଦନ ଦାସ, ନଗର କଂଗ୍ରେସ କମିଟି ସଭାପତି ଭକ୍ତଚରଣ ପଟ୍ଟନାୟକ, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ବଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଗଜଲକ୍ଷ୍ମୀ ପୂଜାରେ ପ୍ରତିଭା ସମ୍ବର୍ଦ୍ଧିତ


ଉତ୍ସବରେ ଧାମନଗର ଉପଖଣ୍ଡ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଣ୍ଡାରିପୋଖରୀ, ୨୦।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଚତୁର୍ଭୁଜପୁରସ୍ଥିତ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ବିଂଶତମ ଗଜଲକ୍ଷ୍ମୀ ପୂଜା ଶୁକ୍ରବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ଉତ୍ସବରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ବଜାର କମିଟି ସମ୍ପାଦକ ରାଜେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲାପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବଜାର କମିଟି ପ୍ରତିବର୍ଷ ଭଳି ଏପରି ଧାର୍ମିକ କାର୍ଯ୍ୟକ୍ରମରେ ପ୍ରତିଭା ସମ୍ମାନ ଉତ୍ସବ ବଜାୟ ରହୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରବିନାରାୟଣ ଖିଲାର ଓ ଅନ୍ୟତମ ଅତିଥି ଭାବେ ସରପଞ୍ଚ ରୀତାଞ୍ଜଳି ସାମଲ, ସମିତିସଭ୍ୟ ମୋହନ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ପୋଲିସ ସେବା କ୍ଷେତ୍ରରେ ଧାମନଗର ପୋଲିସ ଉପଖଣ୍ଡ ଅଧିକାରୀ ମନୋରଞ୍ଜନ ସାମଲ, ପ୍ରଶାସନିକ ସେବା ପାଇଁ ବିଡିଓ ବନମାଳି ତରାଇ, ଶିକ୍ଷାବିତ୍ ମଦନ ମୋହନ ଜେନା, ଖବରଦାତା ଶଶିଭୂଷଣ ସ୍ୱାମୀ, ବଜାର କମିଟିର ପ୍ରଥମ ସଭାପତି ସ୍ୱପ୍ନେଶ୍ୱର ପଣ୍ଡା, ମାଟ୍ରିକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଶାଲ ନାୟକ। ଅତିଥିମାନେ ସେମାନଙ୍କୁ ମାନପତ୍ର, ଉପଢୌକନ ଓ ବଉଳବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ପ୍ରଦାନ ଓ ମାନପତ୍ର ପାଠ କରିଥିଲେ ଦୁର୍ଯ୍ୟୋଧନ ଲେଙ୍କା। ବଜାର କମିଟି ସଭାପତି କମଳାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ। କମିଟିର ଅଦ୍ୱୈତ ପରିଡା, ଘନଶ୍ୟାମ ବାରିକ, ମୁନିବର ଧଳ, ଆଶିଷ ବେହେରା, କାହ୍ନୁ ବାରିକ, ନିରଞ୍ଜନ ବେହୁରିଆ, ସୁଧାଂଶୁ ଦାସ, ଦେବାଶିଷ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ସୁରଭି ମହୋତ୍ସବ


ଶିଶୁ ମହୋତ୍ସବରେ ଉପସ୍ଥିତ ଅତିଥି।

**ପଦ୍ମପୁର, ୨୦।୧୦ (ଡି.ଏନ.ଏ.)**

ଭଦ୍ରକ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ତର୍କ, ସଙ୍ଗୀତ, ରଚନା, ନୃତ୍ୟ, ଏକକ ଅଭିନୟ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର ଆଦି ପ୍ରତିଯୋଗିତାରେ ଭାଗ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୋଟ ୪୫୦ ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ ୧୪୫ ଜଣଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା।

ଲାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଗଣେଶ ନନ୍ଦ ମଲ୍ଲିକ, ସରପଞ୍ଚ ପ୍ରମିଳା ବେହେରା, ସମିତିସଭ୍ୟା ସନ୍ଧ୍ୟାରାଣୀ ଧୂପାଳ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ବ୍ଲକ ସହ ଶିକ୍ଷାଧିକାରୀ ବିଶ୍ୱମ୍ଭର ପାତ୍ର, ଗୋଷ୍ଠୀ ସାଧନକେନ୍ଦ୍ରର ସଂଯୋଜକ ବିମ୍ବାଧର ସେନାପତି, ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର, ଅରୁଣ ମହାପାତ୍ର, ଅରୁଣ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ହୀରାଲାଲ ମୁଦୁଲି ସଭା ପରିଚାଳନା କରିଥିଲେ। ସାବରଙ୍ଗ ଏନ୍‌ଡିଏମ୍‌ଇ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ନୀଳାଦ୍ରି ଭୂଷଣ ତ୍ରିପାଠୀ। ଗୋରାମାଟି ସରପଞ୍ଚ ଗଣେଶ ମଲ୍ଲିକ, ସାବରଙ୍ଗ ସରପଞ୍ଚ ରଞ୍ଜିତା ନାୟକ ଓ ବ୍ଲକ ସହ ଶିକ୍ଷାଧିକାରୀ ବିଷ୍ଣୁମୋହନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ଗୋଷ୍ଠୀ ସାଧନକେନ୍ଦ୍ରର ସଂଯୋଜକ ପ୍ରଣିତା ପଲ୍ଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଟଣା ମିଶ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିବପ୍ରସାଦ ଦାସ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଗୋପବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ମାନସ କୁମାର ଜେନା। ପ୍ରଧାନଶିକ୍ଷକ ନରହରି ଅଗସ୍ତି ଓ ରାଧାଶ୍ୟାମ ବାରିକ ସହାୟତା କରିଥିଲେ। ପଦ୍ମପୁର ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ସୌମେନ୍ଦ୍ର କୁମାର ପଣ୍ଡୁଆ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୧୯ Balasore, Monday, October 21/ 2019

# ଡେଙ୍ଗୁରେ ଯୁବକ ମୃତ

**ଖଇରା, ୨୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ (୩୦) ତାମିଲନାଡୁ ତିରିପୁରଠାରେ କାର୍ଯ୍ୟ କରିବାକୁ ଯାଇ ଡେଙ୍ଗୁରେ ପ୍ରାଣ ହରାଇଛନ୍ତି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ୬ଦିନ ତଳେ ମେଡିକାଲକୁ ଯିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ନେଇ ଜଣାପଡିଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେ ଶନିବାର ସନ୍ଧ୍ୟାରେ ପ୍ରାଣ ହରାଇଛନ୍ତି । ତାଙ୍କ ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି ।

# ଓଲଟିଲା ବସ୍: ୧୩ ଗୁରୁତର

**ତେଲକୋଇ, ୨୦।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କାଞ୍ଜିପାଣି ଘାଟିରେ ଏକ ବସ୍ ରବିବାର ଅପରାହ୍ନ ୨ଟା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଥିବା ୧୩ଜଣ ଯାତ୍ରୀ ଗୁରୁତର ହୋଇପଡିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ମହିଳା, ୬ଜଣ ଶିଶୁ ଓ ୨ଜଣ ପୁରୁଷ ଅଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସଦର ଥାନା ରାଇସୁଆଁ ଫାଣ୍ଡି ଅଧୀନ ମନୋହରପୁର ଗ୍ରାମରୁ ୫୫ରୁ ୬୦ଜଣ ଶ୍ରୀ ଜଗନ୍ନାଥ ବସ୍ ଯୋଗେ ତେଲକୋଇ ଥାନା କତରାପାଲି ଗ୍ରାମସ୍ଥିତ ଝିଅ ଘରକୁ ମନସାଦ ଭାର ନେଇ ଆସୁଥିଲେ। କାଞ୍ଜିପାଣି ଘାଟିରେ ବସ୍ ହଠାତ୍ ଭାରସାମ୍ୟ ହରାଇ ତଳକୁ ଓଲଟି ପଡିଥିଲା। ଦମକଳ ବାହିନୀ, କାଞ୍ଜିପାଣି ପୋଲିସ, ତେଲକୋଇ ପୋଲିସ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଜଙ୍ଗଲରେ ବୁଲୁଛି କଲରାପତରିଆ ବାଘ

**କେନ୍ଦୁଝର, ୨୦।୧୦ (ସ୍ୱ.ପ୍ର.)**

ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନ ଦୈତାରୀ ରେଞ୍ଜ ଅନ୍ତର୍ଗତ ରେବଣା ରିଜର୍ଭ ଜଙ୍ଗଲରେ ଏକ କଲରାପତରିଆ ବାଘ ଦେଖିବାକୁ ମିଳିଛି । ଦୈତାରୀ ଠାରେ ଥିବା ଓଏମସି ଖଣିକୁ ଯାଇଥିବା ବଳିପର୍ବତ-ଦୈତାରୀ ଘାଟି ରାସ୍ତାରେ ବାଘଟି ବୁଲୁଥିବା ଶନିବାର ରାତିରେ ଜଣେ ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ଜବାନ ଦେଖି ମୋବାଇଲରେ ଭିଡିଓ ଉଠାଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏଥିରେ ଭୟଭୀତ ନ ହେବାକୁ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ଅଜିତ ଶତପଥୀ କହିଛନ୍ତି। ଉକ୍ତ ଅଞ୍ଚଳରେ ଏହି ପ୍ରଜାତିର ଏକାଧିକ ବାଘ ରହୁଛନ୍ତି। ତେବେ ଜଙ୍ଗଲରେ ବାଘ ଘଟଣା ପ୍ରସାରିତ ହେବା ପରେ ଉକ୍ତ ଅଞ୍ଚଳରେ ଲୋକ ମାନେ ଭୟଭୀତ ହୋଇ ପଡିଥିବା ବେଳେ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଉକ୍ତ ଅଞ୍ଚଳକୁ ଗସ୍ତ କରି ନିରୀକ୍ଷଣ କରୁଥିବା ଜଣାପଡିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ